ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.35 Bhubaneswar Sunday March 12 2023 ୨୬ତମ ବର୍ଷ ସଂଖ୍ୟା–୩୫ ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

୩ ବର୍ଷ ବିତିଲାଣି, କେବେ ସରିବ ବ୍ରାହ୍ମଣୀ ଉପରେ ନିର୍ମିତ ବିଜୁ ସେତୁ ?

ଭୁବନେଶ୍ୱର,୧୧।୩(ପି.ଏନ): ତିନି ବର୍ଷ ବିତିଲାଣି। ହେଲେ ଆଜି ପର୍ଯ୍ୟନ୍ତ ସରୁନି ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହେଉଥିବା ବିଜୁ ସେତୁ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ଯେଉଁ କେତୋଟି କଂକ୍ରିଟ୍ ପିଲର ନିର୍ମାଣ ହୋଇଛି, ଭାଙ୍ଗିବା ଆରମ୍ଭ କଲଣି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରି ଅଭିଯୋଗ କେନ୍ଦ୍ରାପଡା ଜିଲ୍ଲାରୁ ଆସିଛି।ବ୍ରହ୍ମଣୀ ନଦୀର ଆର ପାଖରେ ଅଢ଼େଇକଣା, କଟକଣା, ଗଭାଡିଆ, ନଳଦିଆ ଆଦି ବହୁ ଗାଁ ରହିଛି। ଏହି ସବୁ ଗାଁକୁ ଯିବା ଆସିବା କରିବା ପାଇଁ ଲୋକମାନେ ବହୁ ଅସୁବିଧାରେ ପଡୁଥିଲେ। ଏନେଇ ଗାଁ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ବ୍ରାହ୍ମଣୀ ଉପରେ ବିଜୁ ସେତୁ ନିର୍ମାଣ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ୫,୬୫,୪୭, ୨୩୫ ଟଙ୍କା ମଞ୍ଜୁର ହୋଇଥିଲା।

ପୁଲୱାମା ସହିଦଙ୍କ ପତ୍ନୀଙ୍କୁ ନେଇ ରାଜସ୍ଥାନରେ ଜୋର ଧରିଲା ରାଜନୀତି

ନୂଆଦିଲ୍ଲୀ,୧୧।୩(ପି.ଏନ):ସହିଦଙ୍କୁ ନେଇ ଜୋର ଧରିଲା ରାଜନୀତି। ରାଜସ୍ଥାନରେ ବିଜେପି ନେତା କିରୋଦିଲାଲ ମିନାଙ୍କୁ ପୁଲିସ ଅଟକ ରଖିବାର ଦିନ ପରେ ବିଜେପି କର୍ମୀମାନେ ଜୋରଦାର ହଙ୍ଗାମା କରିଛନ୍ତି। ମିନାଙ୍କୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଦାୟୀ କରି ସେ, ପୁଲୱାମା ସହିଦଙ୍କ ପତ୍ନୀଙ୍କୁ ବ୍ୟବହାର କରି ରାଜନୈତି ମାଇଲେଜ୍? ନେବାକୁ ଚାହୁଁଛନ୍ତି ବୋଲି କହିଛନ୍ତି। ଆଜି ବିଜେପି କର୍ମୀମାନେ ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ବାଷଭବନ ସମ୍ମୁଖରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୨୦୧୯ରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ସହିଦ୍ ହୋଇଥିବା ଯବାନଙ୍କ ସ୍ତ୍ରୀମାନଙ୍କୁ ନେଇ ଜୟପୁରରେ ବିଜେପି କର୍ମୀ ଓ ନେତାମାନେ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭକାରୀମାନେ ବ୍ୟାରିକେଡିଂ ମଧ୍ୟ ଭାଙ୍ଗି ଦେଇଛନ୍ତି।ସୁରକ୍ଷା ଦୃଷ୍ଟିରୁ ପୁଲିସ ପ୍ରଦର୍ଶନ ସ୍ଥାନକୁ ଘେରି ରହିଥିଲେ। ପୁଲିସ କେତେକ ବିଜେପି କର୍ମୀ ଓ ନେତାଙ୍କୁ ଗିରଫ କରିଛି। ମନ୍ତ୍ରୀ ପ୍ରତାପ ସିଂ ଖାଚାରିୟାୱାସ କହିଛନ୍ତି ଯେ, ସହିଦଙ୍କ ପରିବାର ସହ ସରକାର ଛିଡା ହୋଇଛନ୍ତି। ବିଜେପି ଏହି ପ୍ରସଙ୍ଗକୁ ରାଜନୀତି କରୁଛି । ଯଦି ମୋତେ ଏହି ପ୍ରସଙ୍ଗରେ କାହା ସହ କଥା ହେବାକୁ ପଡିବ, ମୁଁ କରିବି। ମୁଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବି।ବିଜେପି କର୍ମୀଙ୍କୁ ଅଟକାଇବା ପାଇଁ ପୁଲିସ ପାଣିମାଡ ତୋପ ମଧ୍ୟ ବ୍ୟବହାର କରିଥିଲା, କିନ୍ତୁ ଏହା ସେମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରି ବିଜେପି ନେତା ରାଜ୍ୟବର୍ଦ୍ଧନ ସିଂ ରାଠୋର କହିଛନ୍ତି ଯେ, ଶାସକ ଦଳଙ୍କୁ ଲଜ୍ଜା ଲାଗୁଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସହିଦଦମାନଙ୍କ ସ୍ତ୍ରୀଙ୍କୁ ଭେଟିବାକୁ ଚାହୁଁନାହାଁନ୍ତି। କଂଗ୍ରେସ ମିଥ୍ୟା କରୁଥିବା ଏକ ଦଳ। ଏହା ସବୁବେଳେ ମିଛ ପ୍ରତିଶ୍ରୁତି ଦେଇଥାଏ। ସେମାନେ ବୀରାଙ୍ଗନାଙ୍କ ସାମ୍ନାରେ ଠିଆ ହୋଇପାରିବେ ନାହିଁ।

ଗ୍ୟାସ୍ ସିଲିଣ୍ଡର ଭିତରେ ଗଞ୍ଜେଇ ଚାଲାଣ, ତରିକା ଦେଖି ଅବକାରୀ ଅଧିକାରୀ ତାଜୁବ୍

ଭୁବନେଶ୍ୱର,୧୧।୩(ପି.ଏନ): ସିଲିସ ଡାଲେଡାଳେ ଗଲେ ଚୋର ପତ୍ରେପତ୍ରେ ଯିବାକୁ ଚେଷ୍ଟା କରୁଛନ୍ତି। ହେଲେ ଚୋର ଘର ସବୁବେଳେ ଅନ୍ଧାର ରୁହେନି। ଘରୋଇ ଗ୍ୟାସ୍ ସିଲିଣ୍ଡର ଭିତରେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଯୁବକ ଆଜି ଅବକାରୀ ବିଭାଗ ହାତରେ ଧରାପଡିଛି। ଏହି ଯୁବକ ପୁଲିସ ଓ ଅବକାରୀ ବିଭାଗ ଅଧିକାରୀଙ୍କ ଆଖିରେ ଧୂଳି ଦେଇ ବହୁ ଥର ଏଭଳି ଏଭଳି ଗଞ୍ଜେଇ ଚୋରା ଚାଲାଣ କରିଛି। ହେଲେ ଆଜି ଅବକାରୀ ବିଭାଗ ପକ୍ଷରୁ ଚାଲିଥିବା ଯାଞ୍ଚ ବେଳେ ଏହି ନିଶା ଚୋରାଚାଲାଣ ମାଫିଆ ଧରାପଡିଛି। ଅଭିଯୁକ୍ତ ଜଣକ ପୁରୀ ଜିଲ୍ଲା ପିପିଲି ନୂଆହାଟ ଅଞ୍ଚଳର ଜୟନ ବେହେରା। ତା' ନିକଟରୁ ଜବତ ଘରୋଇ ଗ୍ୟାସ୍ ସିଲିଣ୍ଡରରୁ ୭ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିକଟସ୍ଥ ଦୁର୍ଗାପ୍ରସାଦ କଳିଙ୍ଗା ଘାଟିରୁ ଅବକାରୀ ଗୁଇନ୍ଦା ବିଭାଗ ଯାଞ୍ଚ କରିବା ବେଳେ ସେ ଗଞ୍ଜେଇ ସହ ଧରାପଡିଛି।ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ କହିଛନ୍ତି, ପିପିଲି ଅଞ୍ଚଳର ଜୟନ ଏକ ବାଇକ୍‌ରେ ଗୋଟିଏ ଗ୍ୟାସ୍ ସିଲିଣ୍ଡର ନେଇ ଯାଉଥିଲା। ଚେକିଂ ବେଳେ ତାହାର ଅଚାରଣ ସନ୍ଦେହକୁ ଆସିଥିଲା। ସେ ଏହି ସିଲିଣ୍ଡରକୁ ନେଇ ଫୁଲବାଣୀରୁ ଗଞ୍ଜାମ ଯାଉଥିବା କହିଥିଲା। ଘରୋଇ ଗ୍ୟାସ୍ ସିଲିଣ୍ଡର ସହଜରେ ଉପଲବ୍ଧ ହେଉଥିବାରୁ ଏହି ଗ୍ୟାସ୍ ସିଲିଣ୍ଡର ପରିବହନ ଉପରେ ସନ୍ଦେହ ବଢ଼ିଥିଲା। ଏହାକୁ ଟେକି ଯାଞ୍ଚ କରିବା ବେଳେ ଏହା ଭିତରେ କିଛି ଜିନିଷ ପଶିଥିବା ଜଣାପଡିଥିଲା। ପରେ ଏହି ଯୁବକୁ ଗ୍ୟାସ୍ ସିଲିଣ୍ଡରକୁ ଖୋଲିବା ପାଇଁ କୁହାଯାଇଥିଲା। ସେ ଏହାକୁ ଖୋଲିବା ପରେ ଭିତରେ ଗଞ୍ଜେଇଥିବା ଜଣାପଡିଥିଲା।

କଲେଜରେ ଲାଇବ୍ରେରୀ ରହିଛି, ପିଲାଙ୍କୁ କିନ୍ତୁ ବହି ମିଳୁନି

କୋରାପୁଟ,୧୧।୩(ପି.ଏନ): ମହାବିଦ୍ୟାଳୟରେ ଲାଇବ୍ରେରୀ ରହିଛି। ୬୦ ହଜାରରୁ ଅଧିକ ବହି ଅଛି। ହେଲେ ପିଲାଙ୍କୁ ବହି ପଢ଼ିବାକୁ ଦିଆଯାଉନାହିଁ। ଦୁଇ ବର୍ଷ ହେଲା ଲାଇବ୍ରେରୀରେ ପଡିଛି ତାଲା! ଏପରି ଅଭିଯୋଗ ଆସିଛି କୋରାପୁଟ ସରକାରୀ ମହାବିଦ୍ୟାଳୟରୁ। ଲାଇବ୍ରେରୀରୁ ବହି ମିଳୁନଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ଆଦିବାସୀ ଅଧ୍ୟୁଷିତ କୋରାପୁଟ ସହରରେ ଶିକ୍ଷାର ଆଲୋକ ଜଳାଇବା ପାଇଁ ୧୯୬୮ ମସିହାରେ ଲାଣ୍ଡିଗୁଡ଼ାରେ ଏକ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏହି ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ୧୨୮୦ ଓ ଯୁକ୍ତ ତିନିରେ ୧୯୪୪ ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ୍ ୩ ହଜାର ୨୨୪ ଜଣ ପଢୁଛନ୍ତି। ୮୦ ପ୍ରତିଶତ ଛାତ୍ରଛାତ୍ରୀ ଏସ୍‌ସି/ଏସ୍ ?ଟି ଓ ଗରିବ ଶ୍ରେଣୀର। ମହାବିଦ୍ୟାଳୟରେ ପ ?ୁଥିବା ପିଲାଙ୍କ ପାଇଁ ଗୋଟିଏ ଲାଇବ୍ରେରୀ ରହିଛି। ଯେଉଁଠାରେ ପିଲାମାନେ ବସି ପଢ଼ିବାର ବ୍ୟବସ୍ଥା ରହିଛି। ଲାଇବ୍ରେରୀରେ ୬୦ ହଜାର ବହି ରହିଛି। ହେଲେ ଦୁଃଖ ଓ ପରିତାପର ବିଷୟ ଗତ ଦୁଇ ବର୍ଷ ହେଲା ଏହି ଲାଇବ୍ରେରୀ ବନ୍ଦ ରହିଛି। ଲାଇବ୍ରେରିଆନ୍, ଆସିଷ୍ଟାଣ୍ଟ ଲାଇବ୍ରେରିଆନ୍ ଓ ଜୁନିୟର ଲାଇବ୍ରେରିଆନ୍ ପଦବୀ ଖାଲି ପଡିଥିବାରୁ ଲାଇବ୍ରେରୀ ବନ୍ଦ ହୋଇ ପଡିଛି। ଯେଉଁଥିପାଇଁ ଛାତ୍ରଛାତ୍ରୀ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ନବୀକରଣ ନାଁରେ ଏବେ ଲାଇବ୍ରେରୀକୁ ସମ୍ପୂର୍ଣ୍ଣ ରହିଛି। ଆଗାମୀ ଦିନରେ ଲାଇବ୍ରେରୀରେ ଲାଇବ୍ରେରୀଆନ୍ ନିଯୁକ୍ତ ଦିଆନଗଲେ ଆନ୍ଦୋଳନ କରାଯିବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି।

ଓଡିଶା ସରକାର ଜାରି କଲେ ଗାଇଡଲାଇନ୍: ମାସ୍କ ପିନ୍ଧିବା ସହ ସଂକ୍ରମିତଙ୍କଠୁ ଦୂରେଇ ରୁହ



ଭୁବନେଶ୍ୱର,୧୧।୩(ପି.ଏନ): ରାଜ୍ୟରେ ୫୯ଜଣ H3N2 ସଂକ୍ରମିତ ଚିହ୍ନଟ ହେବାପରେ ରାଜ୍ୟ ସରକାର ଆଜି ସ୍ୱତନ୍ତ୍ର ଗାଇଡଲାଇନ ଜାରି କରିଛନ୍ତି । ସଂକ୍ରମିତ ବ୍ୟକ୍ତିଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ବ୍ୟବସ୍ଥା ନଥିବାରୁ ମାସ୍କ ପିନ୍ଧିବା ସହ ଛିଙ୍କିବାବେଳେ ରୁମାଲ ଉପଯୋଗ କରିବା ଓ ସଂକ୍ରମିତଙ୍କଠୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି । ଦେଶର ବିଭିନ୍ନ ଭାଗରେ ଏହି ଇନଫ୍ଲୁଏଞ୍ଜାର ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ କୋଭିଡ-୧୯ ଗାଇଡଲାଇନକୁ କଡାକଡି ପାଳନ କରିବାକୁ ପରାମର୍ଶ ଦିଆଯାଇଛି । ଆଜି ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି ଯେ, କୋଭିଡ-୧୯ର ଲକ୍ଷଣ ଭଳି ସମାନ ଲକ୍ଷଣ H3N2 ରହିଛି । ତେବେ ଏହାକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ, କେବଳ ସତର୍କତା ଅବଲବମ୍ବନ କରିବାକୁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ଯେଉଁମାନେ ବିଭିନ୍ନ ରୋଗରେ ପୀଡିତ ଓ ରୋଗପ୍ରତିରୋଧକ କ୍ଷମତା କମ୍ ସେମାନଙ୍କ ନିମନ୍ତେ ଏହା ଅଧିକ କ୍ଷତିକାରକ ହେବାର ଆଶଙ୍କା ରହିଛି । ଭୀଷଣ ଜ୍ୱର, ଥଣ୍ଡା, କଫ, ଗଳା ଦରଜ ଓ ମୁଣ୍ଡବ୍ୟଥା ଭଳି ଲକ୍ଷଣ ଏଥିରେ ଦେଖାଯାଏ । ତେବେ ଏହି ସଂକ୍ରମଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇନି । ତେଣୁ ପ୍ରତିଷେଧକମୂଳକ ପଦକ୍ଷେପସ୍ୱରୂପ , ଲୋକେ କୋଭିଡ-୧୯ ଗାଇଡଲାଇନକୁ କଡାକଡି ପାଳନ କରିବା ଉଚିତ୍ । ମାସ୍କ ପିନ୍ଧିବା ସହ ଛିଙ୍କ-କାଶବେଳେ ରୁମାଲ ଆଦି ଉପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଯେଉଁମାନଙ୍କ ଶରୀରରେ ଏଭଳି ଲକ୍ଷଣ ଦେଖାଯାଉଛି ସେମାନଙ୍କଠୁ ଦୂରେଇ ରହିବାକୁ ମଧ୍ୟ ସେ ସତର୍କ କରାଇଛନ୍ତି ।

ଲି କିଆଙ୍ଗ ହେଲେ ଚାଇନାର ନୂଆ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୩(ପି.ଏନ): ଚାଇନାର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି ଲି କିଆଙ୍ଗ। ସେ ହେଉଛନ୍ତି ଚାଇନାର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଘନିଷ୍ଠ ସହଯୋଗୀ। କିଆଙ୍ଗକୁ ପ୍ରଧାନମନ୍ତ୍ରୀ ଭାବେ ଜିନପିଙ୍ଗ ହିଁ ଚୟନ କରିଥିଲେ। ଏବେ ସର୍ବସମ୍ମତିକ୍ରମେ ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି।ବିଶ୍ୱର ସର୍ବବୃହତ୍ତ ଅର୍ଥନୀତି ଭାବେ ପରିଚିତ ଚାଇନା ଏବେ ଚ୍ୟାଲେଞ୍ଜିଂ ସମୟ ଦେଇ ଗତି କରୁଛି। ଏପରି ସ୍ଥିତିରେ ହିଁ କିଆଙ୍ଗକୁ ଦେଶର ପ୍ରଧାନମନ୍ତ୍ରୀ କରାଯାଇଛି।କିଆଙ୍ଗଙ୍କୁ ଆଜି ସକାଳେ ଚାଇନାର ସଂସଦ ନ୍ୟାଶନାଲ ପିପୁଲ୍ସ କଂଗ୍ରେସରେ ରାଷ୍ଟ୍ରପତି ଜିନପିଙ୍ଗ ପ୍ରଧାନମନ୍ତ୍ରୀ ଭାବେ ମନୋନୀତ କରିଛନ୍ତି। ଦିନକ ତଳେ ୬୯ ବର୍ଷୀୟ ଜିନପିଙ୍ଗ ତୃତୀୟ ଥର ପାଇଁ ରାଷ୍ଟ୍ରପତି ପଦ ସମ୍ଭାଳିଥିବା ବେଳେ ଆଜି କିଆଙ୍ଗ ପ୍ରଧାନମନ୍ତ୍ରୀ ହୋଇଛନ୍ତି।

ଏଣିକି ଘରେ ବସି ଭିନ୍ନକ୍ଷମ ଓ ବୃଦ୍ଧ-ବୃଦ୍ଧା ଦେଇ ପାରିବେ ଭୋଟ୍

ଭୁବନେଶ୍ୱର,୧୧।୩(ପି.ଏନ): ଏଣିକି ଘରେ ବସି ଭିନ୍ନକ୍ଷମ ଓ ବୃଦ୍ଧ-ବୃଦ୍ଧାମାନେ ଭୋଟ୍ ଦେଇପାରିବେ। ସେମାନଙ୍କୁ ଭୋଟ କେନ୍ଦ୍ରକୁ ଯିବାକୁ ପଡିବ ନାହିଁ। ବରଂ ଭୋଟ କେନ୍ଦ୍ର ସେମାନଙ୍କ ପାଖକୁ ଯିବ। କିଛି ଏମିତି ବ୍ୟବସ୍ଥା ଏବେ ନିର୍ବାଚନ ଆୟୋଗ ଆଣିଛନ୍ତି। କର୍ଣ୍ଣାଟକରେ ଆଗାମୀ ବିଧାନସଭା ନିର୍ବାଚନରେ ୮୦ ବର୍ଷରୁ ଅଧିକ ବୟସ୍କ ଏବଂ ଭିନ୍ନକ୍ଷମଙ୍କ ପାଇଁ ଭୋଟ୍- ଫ୍ରମ୍- ହୋମ୍ (ଭିଏଫଏଚ୍?) ସୁବିଧା ଆରମ୍ଭ କରାଯାଇଛି। ନିର୍ବାଚନ ଆୟୋଗ ଶନିବାର କହିଛନ୍ତି ଯେ ଆଗାମୀ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ୮୦ ବର୍ଷ ଅବା ଏହାଠାରୁ ଅଧିକ ବୟସ୍କ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଘରେ ବସି ଭୋଟ ଦେବା ଲାଗି 'ଭୋଟ ଫର୍ମ ହୋମ୍' ସୁବିଧା ଆରମ୍ଭ କରାଯାଇଛି। ଏହା ସହିତ କମିଶନ କହିଛନ୍ତି ଯେ ରାଜ୍ୟରେ ଯୁବ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ସେଠାରେ ପ୍ରାୟ ୧୭ ହଜାର ଭୋଟର ଅଛନ୍ତି, ଯେଉଁମାନଙ୍କର ବୟସ ୧୦୦ ବର୍ଷ ଅତିକ୍ରମ କରିଛି । ସେମାନଙ୍କର ସୁବିଧା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ବେଙ୍ଗାଲୁରୁରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଆମ ଟିମ୍ ଫର୍ମ-୧୨ଡି ସହ ସେମାନଙ୍କ ନିକଟକୁ ଯିବେ ଓ ସେମାନେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ।ଯଦିଓ ଆମେ ୮୦ ବର୍ଷରୁ ଅଧିକ ବୟସ୍କଙ୍କୁ ମତଦାନ କେନ୍ଦ୍ରକୁ ଆସିବାକୁ ପ୍ରୋତ୍ସାହିତ କରୁଛୁ, କିନ୍ତୁ ଯେଉଁମାନେ ମତଦାନ କେନ୍ଦ୍ରକୁ ଆସିବାକୁ ସମର୍ଥ ହେବେ ନାହିଁ ସେମାନେ ଏହି ସୁବିଧା ପାଇପାରିବେ ବୋଲି ସେ କହିଛନ୍ତି। ମତଦାନର ଗୋପନୀୟତା ବଜାୟ ରଖାଯିବ ଏବଂ ସମଗ୍ର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ବୋଲି ନିର୍ବାଚନ କମିଶନ ରାଜୀବ କୁମାର ସ୍ପଷ୍ଟ କରିଛନ୍ତି। ଭିନ୍ନକ୍ଷମଙ୍କ ପାଇଁ ଏକ ମୋବାଇଲ୍ ଆପ୍ 'ସକ୍ଷମ' ଆରମ୍ଭ କରାଯାଇଛି, ଯେଉଁଥିରେ ସେମାନେ ଲଗଇନ୍ କରି ଭୋଟ୍ ଦେବାର ସୁବିଧା ବାଛିପାରିବେ ବୋଲି ସିଇସି କହିଛନ୍ତି। ମୁଖ୍ୟ ନିର୍ବାଚନ ଆଗାମୀ କର୍ନାଟକ ବିଧାନସଭା ପାଇଁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପନୀୟତା ବଜାୟ ରହିବ ଏବଂ ସମଗ୍ର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ବୋଲି ରାଜୀବ କୁମାର କହିଛନ୍ତି।ସେ କହିଛନ୍ତି ଯେ ଦିବ୍ୟାଙ୍ଗଙ୍କ ପାଇଁ ଏକ ମୋବାଇଲ ଆପ୍ଲିକେଶନ 'ସକ୍ଷମ' ଲଞ୍ଚ କରାଯାଇଛି ଯେଉଁଥିରେ ସେମାନେ ଲଗଇନ କରିପାରିବେ ଏବଂ ଭୋଟ ଦେବାର ସୁବିଧା ଚୟନ କରିପାରିବେ। ଭୋଟରଙ୍କ ସୁବିଧା ପାଇଁ ନିର୍ବାଚନ କମିଶନ 'ନୋ ୟୋର କ୍ୟାଣ୍ଡିଡେଟ' (କେୱାଇସି) ନାମରେ ଏକ ଅଭିଯାନ ମଧ୍ୟ ଆରମ୍ଭ କରିଛନ୍ତି। ରାଜନୈତିକ ଦଳମାନେ ନିଜ ପୋର୍ଟାଲ ଓ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭୋଟରଙ୍କୁ ଜଣାଇବା ଦରକାର ଯେ ସେମାନେ କାହିଁକି ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ବାଛିଲେ ଏବଂ ନିର୍ବାଚନ ଲଢ଼ିବା ପାଇଁ ସେମାନଙ୍କୁ ଦଳୀୟ ଟିକେଟ ଦେଲେ। ସେହିପରି ଏକ ମୋବାଇଲ ଆପ୍ଲିକେସନ 'ସୁବିଧା' ବିକଶିତ ହୋଇଛି, ଯାହା ପ୍ରାର୍ଥୀଙ୍କ ନାମାଙ୍କନ ଏବଂ ଆଫିଡେଭିଟ ଦାଖଲ ପାଇଁ ଏକ ଅନଲାଇନ ପୋର୍ଟାଲ ଅଟେ। ସେ କହିଛନ୍ତି ଯେ ପ୍ରାର୍ଥୀମାନେ ସଭା ତଥା ସମାବେଶ ପାଇଁ ଅନୁମତି ମାଗିବା ପାଇଁ 'ସୁବିଧା' ପୋର୍ଟାଲ ମଧ୍ୟ ବ୍ୟବହାର କରିପାରିବେ।

୨୦୨୩-୨୪ରେ ଏସଟି ଓ ଏସସି ଉନ୍ନୟନ ବିଭାଗର ବ୍ୟୟବରାଦ ୪୬୫୧.୨୭ କୋଟି ଟଙ୍କା

ଭୁବନେଶ୍ୱର,୧୧।୩(ପି.ଏନ): ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ବିଭାଗ ମେଧାବୀ ଛାତ୍ରଛାତ୍ରୀ ବୃତ୍ତି, ଆବାସିକ ଛାତ୍ରାବାସ ନିର୍ମାଣ, ପଢ଼ିବା ଲେଖିବା ଶିକ୍ଷା ସାମଗ୍ରୀ, ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା, ଜୀବିକାର୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଦକ୍ଷତା ବୃଦ୍ଧି ନିମନ୍ତେ ଟ୍ରେନିଂ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ୨୦୨୩-୨୪ ବିଭାଗୀୟ ବଜେଟ ସମ୍ବନ୍ଧରେ ସୂଚନା ଦେଇ ଏହା ପ୍ରକାଶ କରିଛନ୍ତି। ମନ୍ତ୍ରୀ ଶ୍ରୀ ସାରକା କହିଲେ ଯେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୮ ଶହ ୧୧ କୋଟି ଟଙ୍କା ବ୍ୟୟ କରାଯିବ। ୨୩ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ଛାତ୍ରବୃତ୍ତି ପାଇବେ। ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏକ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ୨ ଲକ୍ଷ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କର ପୋଷଣ ବୃଦ୍ଧି କରାଯିବ। ପ୍ରାକ୍ ମାଟ୍ରିକ୍ ସ୍କଲାରସିପ୍ ଯୋଜନାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୬ ଲକ୍ଷ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଦିବାଧ୍ୟାୟୀମାନଙ୍କ ଛାତ୍ରବୃତ୍ତି ବୃଦ୍ଧି କରାଯିବ। ବର୍ଷକୁ ୫୦୦ ଟଙ୍କା ଛାତ୍ରବୃତ୍ତି ମିଳିବ। ମାଟ୍ରିକ୍ ପରବର୍ତୀ ଛାତ୍ରବୃତ୍ତି ଯୋଜନାରେ ରକ୍ଷଣାବେକ୍ଷଣ ଭତା ପ୍ରୋତ୍ସାହନ ବାର୍ଷିକ ଅତିରିକ୍ତ ଏକ ହଜାର ଟଙ୍କା ଅନ୍ତେବାସୀମାନଙ୍କ ପାଇଁ ଓ ୫୦୦ ଟଙ୍କା ଦିବାଧ୍ୟାୟୀମାନଙ୍କ ପାଇଁ ଖର୍ଚ୍ଚ ହେବ। ଅନ୍ୱେଷା କାର୍ଯ୍ୟକ୍ରମ ଅଧୀନରେ ୧୦୬ଟି ଅନ୍ୱେଷା ବିଦ୍ୟାଳୟ ଓ ୮୦ଟି ଛାତ୍ରାବାସ ମାଧ୍ୟ

ଟି ଟାଇମ୍

ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଛଲିଗଲା ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ମାର୍ଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

ପୁରାଣ କାହାଣୀ

ରାଜାଙ୍କ ଗର୍ବ ଖର୍ବ ହେଲା

ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

ବାଲି ନିର୍ମିତ ହୋଟେଲ୍

ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

୩ ଫୁଟର ବର-କନ୍ୟା

କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେ

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ବଲାଙ୍ଗିର, (ପି.ଏନ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଜରୁରୀକାଳୀନ ଅପରେସନ ସେଂଟର ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ବଲାଙ୍ଗିର ଦ୍ୱାରା ଆୟୋଜିତ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ସତର୍କତା ମୂଳକ ପଦକ୍ଷେପ ସମ୍ପର୍କିତ ଏକ ଜିଲ୍ଲା ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ପିଡି, ଡୁଡା ସୁଦର୍ଶନ ସାଏ, ବଲାଙ୍ଗିର ଉପ ଜିଲ୍ଲାପାଳ କୁମାର ନାଗଭୁଷଣ, ପାଟଣାଗଡ ଉପ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ, ଟିଟିଲାଗଡ ଉପ ଜିଲ୍ଲାପାଳ ଦୟାମୟ ପାଢୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ତୋଫାନ ବାଗଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଓ ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ର ଆଲୋଚ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀ ମାନେ ସଜାଗ ଓ ତତ୍ପର ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀ ମାନଙ୍କୁ ଏ ସମ୍ପର୍କରେ ସୂଚିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାନୀୟ ଜଳର ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତର ମୁକାବିଲା ନିମନ୍ତେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ତଥା ଆନୁସାଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲ ଗୁଡିକରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା କାର୍ଯ୍ୟାଳୟ ସମେତ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ତହସିଲ ଓ ସମ୍ପୃକ୍ତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକରେ ମାର୍ଚ୍ଚ ୧୫ ତାରିଖ ଠାରୁ କଂଟ୍ରୋଲ ରୁମ ଖୋଲିବା ସହ ଅଭିଯୋଗ ରେଜିଷ୍ଟରରେ ଅଭିଯୋଗ ଗୁଡିକ ଲିପିବଦ୍ଧ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଅଚଳ ହୋଇଥିବା ନଳକୂପ ତଥା ଅନ୍ୟାନ୍ୟ ଜଳ ଉତ୍ସ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ଯୋଗାଣ ଓ ତତ ସଙ୍କ୍ରାନ୍ତୀୟ ସମସ୍ୟା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା, ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା, ଅଂଶୁଘାତ ଜନିତ ମୃତ୍ୟୁର ୨୪ ଘଂଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲ୍ଲାର ପ୍ରତ୍ୟେକ ପୌରାଚଂଳ, ବିଜ୍ଞାପିତ ଅଂଚଳ ପରିଷଦ, ବ୍ଲକ, ପଂଚାୟତ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନ, ବସଷ୍ଟାଣ୍ଡ ମାନଙ୍କରେ ଜଳଛତ୍ର ଖୋଲିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରମିକ ମାନେ କାର୍ଯ୍ୟ କରୁଥିବା କାର୍ଯ୍ୟସ୍ଥଳୀ ମାନଙ୍କରେ ବିଶ୍ରାମସ୍ଥଳୀ, ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ ପ୍ୟାକେଟ ରଖିବାକୁ ନିର୍ଦ୍ଦେଶ ଦିଆଯିବା ସହ ଯାତ୍ରୀବାହି ବସ ଓ ଅନ୍ୟାନ୍ୟ ଯାନବାହାନ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ ପ୍ୟାକେଟ ରଖିବାକୁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ଗୋରୁ, ଗାଈ ଇତ୍ୟାଦି ପ୍ରାଣୀ ସମ୍ପଦଙ୍କ ନିମନ୍ତେ ପିଇବା ପାଣିର ବ୍ୟବସ୍ଥା ତଥା ଔଷଧର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବିଶେଷ କରି ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲ ଗୁଡିକ ପାଇଁ ସୁନିଶ୍ଚିତ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବ୍ଲକ ଓ ପଂଚାୟତ ସ୍ତରରେ ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁରୂପ ବୈଠକ ଯଥାଶୀଘ୍ର ଆୟୋଜନ କରିବାକୁ ବିଡିଓ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଓ ଅଂଶୁଘାତ ସତର୍କତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ବୈଠକରେ ଆଲୋଚନା କରାଯାଇଥିଲା ।

ଗୋପବନ୍ଧୁ ସେବା ପରିଷଦ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ପୁରୀ,(ପି.ଏନ): ୟୁଥ ହଷ୍ଟେଲ ପରିସରରେ ପେଣ୍ଡକଟା ମତ୍ସଜୀବୀ ସମ୍ପ୍ରଦାୟର ମହିଳାମାନଙ୍କ ଉପସ୍ଥିତିରେ ଗୋପବନ୍ଧୁ ସେବା ପରିଷଦ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ଅନୁଷ୍ଠିତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସମ୍ମନ୍ୱିତ ଶିଶୁ ବିକାଶ ଅଧିକାରୀ ଅଞ୍ଜନା କାନୁନଗୋ, ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଉପଖଣ୍ଡ ଜିଲ୍ଲା ଲୋକସମ୍ପର୍କ ସୂଚନା ଅଧିକାରୀ ରଘୁନାଥ ସେଠୀ, ମିଶନ ଶକ୍ତି ବ୍ଲକ ସଂଯୋଜିକା ଦେବସ୍ମିତା ମହାପାତ୍ର, ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ପରିଚାଳକ ପ୍ରତିନିଧି ନୀଳମ୍ବର ମହନ୍ତ, କମ୍ୟୁନିଟି ଆଙ୍କନ କୋଲାବର୍ ପ୍ରତିନିଧି ସମ୍ବିତ କୁମାର ନନ୍ଦ, ସମାଜସେବୀ ଅର୍ଣ୍ଣପୂର୍ଣ୍ଣା ଦେବୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା ଅବହେଳିତ ମହିଳାଙ୍କର ଡିଜିଟାଲ ସାକ୍ଷରତା ଉପରେ ଗୁରୁତ୍ୱ ପ୍ରଦାନ କରିବା ଓ ସରକାରୀ ସ୍ତରରେ ମିଳୁଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସାମିଲ

କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ମୁଖ୍ୟ କାର୍ଯ୍ୟାଳୟ ପରିସରଠାରେ ତା୧୯.୯.୨୦୨୨ରିଖ ଠାରୁ ଆୟୋଜିତ ହୋଇଥିବା କବ୍ ବୁଲ୍‌ବୁଲ୍ ଉତ୍ସବର ଉଦ୍‌ଯାପନୀ ସମାରୋହ ତା୨୨.୯.୨୨ରିଖ ଦିନ ଅନୁଷ୍ଠିତ ହୋଇଅଛି । ୧୧ ଗୋଟି ଜିଲ୍ଲାରୁ ୫୩୫ ଜଣ କବ୍ ବୁଲ୍‌ବୁଲ୍ ଏହି ଉତ୍ସବରେ ଯୋଗଦେଇଛନ୍ତି । ତା୧୯.୯.୨୦୨୨ରିଖ ଦିନ ଅପରାହ୍ନ ୪.୦୦ ଘଟିକା ସମୟରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ରାଜ୍ୟସଭାପତି ତଥା ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ସମ୍ମାନୀତ ଅତିଥିଭାବେ ଉପସଭାପତି ଡଃ. (ଶ୍ରୀମତୀ) ମିନତୀ ବେହେରା, 'ପ୍ରଗତିବାଦୀ' କାର୍ଯ୍ୟନିର୍ବାହୀ ସମ୍ପାଦକ ଶ୍ରୀଯୁକ୍ତ ବିରୁପାକ୍ଷ ତ୍ରିପାଠୀ, ଶ୍ରୀମତୀ ପ୍ରୀତିଛନ୍ଦା ଧଳ, ଓଡିଶା ବିଧାନସଭା ସଚିବ ଶ୍ରୀଯୁକ୍ତ ଦାଶରଥୀ ଶତପଥୀ, ଆଇଏଏସ୍, ପୋଲିସ କମିଶନର, ଭୁବନେଶ୍ୱର-କଟକ ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇପିଏସ୍ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍କାଉଟ ଗାଇଡ୍‌ରେ କବ୍ ବୁଲ୍‌ବୁଲ୍‌ମାନଙ୍କ ବହୁଳ ଯୋଗଦାନ ସେମାନଙ୍କର ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ବର୍ଣ୍ଣନା କରିଥିଲେ । ଉତ୍ସବର ବିଭିନ୍ନ ଦିନମାନଙ୍କରେ କବ୍ ବୁଲ୍‌ବୁଲ୍‌ମାନେ ମଧ୍ୟ ଗୋଷ୍ଠୀ ସଂଗୀତ, ଆଞ୍ଚଳିକ ନୃତ୍ୟ, ଅଭିନୟ, ଚିତ୍ରାଙ୍କନ, ହସ୍ତକଳା, କୁଇଜ୍, ମୀନାବଜାର ଆଦି ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ । ବିଭିନ୍ନ ଦୁଃସାହସିକ ପ୍ରକଳ୍ପରେ ଯୋଗଦାନ କରି ସେମାନଙ୍କର ଅସୀମ ସାହସିକତା ପ୍ରଦର୍ଶନ କରିବାରେ କବ୍ ବୁଲ୍‌ବୁଲ୍‌ମାନେ ପଛାଇ ନ ଥିଲେ । ଉତ୍ସବର ତୃତୀୟ ଦିବସରେ ଭୁବନେଶ୍ୱରର ମାନ୍ୟବର ମେୟର ଶ୍ରୀମତୀ ସୁଲୋଚନା ଦାସ ଯୋଗଦେଇ ପିଲାମାନଙ୍କର କାର୍ଯ୍ୟକ୍ରମ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହିତ ସେମାନଙ୍କୁ ବହୁ ଉପଦେଶ ପ୍ରଦାନ କରିଥିଲେ । କବ୍ ବୁଲ୍‌ବୁଲ୍‌ମାନଙ୍କ ପ୍ରତ୍ୟେକଟି କାର୍ଯ୍ୟରେ ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ସଦୟ ଉପସ୍ଥିତି କବ୍ ବୁଲ୍‌ବୁଲ୍‌ମାନଙ୍କୁ ପ୍ରେରଣା ଯୋଗାଇବାରେ ସହାୟକ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗତକାଲି ଡଃ. ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଉପସଭାପତି ତଥା ଅବସରପ୍ରାପ୍ତ ନ୍ୟାୟଧୀଶ (କ୍ୟାଟ) ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତି, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ରଞ୍ଜନ କୁମାର ଗିରି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଶ୍ରୀଯୁକ୍ତ ଅଶୋକ କୁମାର ରଥ ଯୋଗଦେଇ କବ୍ ବୁଲ୍‌ବୁଲ୍‌ମାନଙ୍କ ସମସ୍ତ କାର୍ଯ୍ୟକ୍ରମ ବିଶେଷ କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟକ୍ରମ ଦେଖି ସନ୍ତୋଷବ୍ୟକ୍ତ କରିବା ସହିତ ଏପରି ଉତ୍ସବ ଆୟୋଜନର ଉଚ୍ଚ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ରାଜ୍ୟ ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ପରେ ସହ-ସମ୍ପାଦକ କବ୍ ବୁଲ୍‌ବୁଲ୍ ଉତ୍ସବର କାର୍ଯ୍ୟକ୍ରମ ବିଷୟରେ ଅତିଥିମାନଙ୍କୁ ଅବଗତ କରାଇଥିଲେ । କୁନି କୁନି କବ୍ ବୁଲ୍‌ବୁଲ୍‌ମାନଙ୍କୁ ଉଦ୍‌ବୋଧନ ଦେବାକୁ ଯାଇ ଏଇ ଅବସ୍ଥାରେ ସେମାନଙ୍କର ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମର ଯୋଗଦାନକୁ ଭୂୟସୀ ପ୍ରଶଂସା କରିବା ସହିତ ଏ ପ୍ରକାର ଉତ୍ସବ ଆୟୋଜନ ଦ୍ୱାରା ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ାହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ବିଦ୍ୟାଳୟଗୁଡିକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କବ୍ ବୁଲ୍‌ବୁଲ୍‌ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ମା' ମନସା ଦେବୀ ଶକ୍ତିପୀଠ

ଶିୱାଲିକ୍ ପର୍ବତ ମାଳାରୁ ନେଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ୪୮କୋଷର ସିନ୍ଧୁବନରେ ଋଷି-ମୁନୀ ମାନେ ପୁରାଣ ରଚନା କରିଥିଲେ । ଏହି ସମସ୍ତ ଭୂଭାଗ ଦେବଧରା ନାମରେ ଜଣାଶୁଣା ।

ଏହି ପରମ୍ପରାରେ ହରିଆନାର ପଞ୍ଚକୁଳାରେ ଶିୱାଲିକ୍ ପର୍ବତମାଳାର କୋଳରେ ସିନ୍ଧୁବନର ଶେଷ ସୀମାରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଏକଦମ ମନୋରମ ଏବଂ ଶାନ୍ତ ପରିବେଶରେ ମାତା ମନସା ଦେବୀଙ୍କ ମନ୍ଦିର ଅବସ୍ଥିତ । ଯଦି କୌଣସି ଭକ୍ତ ସଚ୍ଚା ମନରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ମାତା ମନସା ଦେବୀ ଙ୍କର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରନ୍ତି, ତେବେ

ମାତା ମନସା ଦେବୀ ତାଙ୍କର ମନୋକାମନା ଅବଶ୍ୟ ପୂରଣ କରିଥାନ୍ତି । ମାତା ମନସା ଦେବୀଙ୍କର ଚୈତ୍ର ଏବଂ ଆଶ୍ୱିନ ମାସର ନବରାତ୍ର ପର୍ବରେ ରେ ବଡ଼ ଧରଣର ମେଳା ବସିଥାଏ । ଏହି ପର୍ବ ମାତାଙ୍କର ପ୍ରମୁଖ ପର୍ବ ଭାବେ ପାଳନ କରାଯାଏ ।

ମାତା ମନସା ଦେବୀଙ୍କ ମନ୍ଦିରକୁ ନେଇ କେତେକ ଧାରଣା ଓ ମାନ୍ୟତା ପ୍ରଚଳିତ ରହିଛି । ଶ୍ରୀ ମାତା ମନସା ଦେବୀଙ୍କ ଇତିହାସ

ଅନ୍ୟ ସିଦ୍ଧ ଶକ୍ତିପୀଠ ଭଳି ଅତି ପ୍ରାଚୀନ । ଶ୍ରୀ ମାତା ମନସା ଦେବୀଙ୍କ ଆବିର୍ଭାବ ହେବାର ଉଲ୍ଲେଖ ଶିବ ପୁରାଣରେ ରହିଛି ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣିପାରିଲେ । ଭଗବାନ ଶିବ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲେ, ସେ ନିଜେ ବି ବିଶ୍ୱାସ କରିପାରିଲେ ନାହିଁ । ରାଗରେ ଜର୍ଜ୍ଜରିତ ହୋଇ ଭଗବାନ ଶିବ ସତୀଙ୍କ ମରଶରୀର ନିଜ ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ସବୁଆଡ଼େ ଚାଲିଲା ଧ୍ୱଂସଲୀଳା । ଏହାର ସମାଧାନ ପାଇଁ ଦେବ ଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ । ସୁଦର୍ଶନ ଚକ୍ର ଦ୍ୱାରା ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା । ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା । ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ । ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି । ଆଦିଶକ୍ତି ପୀଠ ହେଲେ- (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା (ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରାତାରିଣୀ (ସ୍ତନଖଣ୍ଡ), (୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ (ଜୋନିଖଣ୍ଡ) ଓ (୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ) । ଓଡ଼ିଶାରେ ମଧ୍ୟ ଗୋଟିଏ ମହା ଶକ୍ତିପୀଠ ମା' "ବିରଜା" ରହିଛନ୍ତି ।

ଏହି ଶକ୍ତିପୀଠରେ ମହାଭାରତର ପାଣ୍ଡବ ଭାଇମାନେ ବନବାସ ସମୟରେ ମାତା ମନସା ଦେବୀ ମନ୍ଦିରରେ ଦେବୀଙ୍କୁ ଆରାଧନା କରିଥିଲେ । ପାଣ୍ଡବମାନେ ବନବାସ ସମୟରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏହି ଅଞ୍ଚଳକୁ ଆସିଥିବା ପ୍ରମାଣ ରହିଛି । ତେବେ ପିଞ୍ଜୌର, ସକେତଡ଼ୀ ଓ କାଲକା ଅଞ୍ଚଳରେ ପୁରାତତ୍ତ୍ୱବିତମାନଙ୍କ



ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଚଳ ପ୍ରଦେଶର କାଙ୍ଗଡ଼ାରେ ମାତା ସତୀଙ୍କ ମସ୍ତକ ଖଣ୍ଡ ପଡ଼ିଥିଲା । ଏଥିଯୋଗୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା । ସେହିପରି ଏଠାରେ ମାତାଙ୍କ ମସ୍ତକ ପଡ଼ିବାରୁ ବ୍ରଜେଶ୍ୱରୀ ଦେବୀ ଶକ୍ତିପୀଠ, ଜ୍ୱାଳାମୁଖୀରେ ଜିହ୍ୱା ଖଣ୍ଡ ପଡ଼ିବାରୁ ଜ୍ୱାଳାଜୀ, ମନର ଭାଗ ପଡ଼ିବାରୁ ଛିନ୍ନ ମସ୍ତିକା, ନୟନରୁ ନୟନ ଦେବୀ ହୋଇଛନ୍ତି ।

ସେହିପରି ତ୍ରିପୁରାରେ ଜଙ୍ଘ ଖଣ୍ଡ ପଡ଼ିବାରୁ ମାତା

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୧୨

ଧନୀ ଓ ଗରିବଙ୍କ ପାଇଁ ଅଲଗା ବିଶ୍ୱବିଦ୍ୟାଳୟ

ଗୋପାଳ ମହାପାତ୍ର

ଏବେ ଭାରତର ବିଶ୍ୱବିଦ୍ୟାଳୟମାନଙ୍କୁ ୟୁରୋପର ବିଖ୍ୟାତ ବିଶ୍ୱବିଦ୍ୟାଳୟ ମାନଙ୍କ ସହ ପ୍ରତିଯୋଗିତା କରିବାକୁ ପଡ଼ିବ । କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମ ଦେଶର ବିଶ୍ୱବିଦ୍ୟାଳୟମାନେ କ'ଣ ପ୍ରତିଯୋଗିତା କରିପାରିବେ ? ଯେତେବେଳେ କେମ୍ବ୍ରିଜ୍, ହାର୍ଭାର୍ଡ ଏବଂ ୟେଲ ଭଳି ନାମୀ ବିଶ୍ୱବିଦ୍ୟାଳୟ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ସେମାନଙ୍କର କ୍ୟାମ୍ପସ୍ ଖୋଲିବେ ସେତେବେଳେ ସେମାନଙ୍କର ଚମକ ଏବଂ ଏକାଡେମିକ୍ ସ୍ତରର ମୁକାବିଲା ଭାରତୀୟ ବିଶ୍ୱବିଦ୍ୟାଳୟ କରିପାରିବେ ? ୟୁରୋପୀୟ ବିଶ୍ୱବିଦ୍ୟାଳୟମାନେ କ୍ୟାମ୍ପସ୍ ଖୋଲିଲେ ଯେଉଁ ଛାତ୍ରଛାତ୍ରୀ ବା ପିଲାମାନଙ୍କର ବାପା ମା ନିଜ ପିଲାକୁ ବିଦେଶରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ପଢ଼ାଇବା ପାଇଁ ଇଚ୍ଛୁକ ସେଇ ପିଲାମାନେ ହିଁ ସେଠାରେ ପଢିପାରିବେ । ଏମିତି ପରିବାର ଯେଉଁମାନେ ପିଲାଙ୍କ ପାଠପଢା ପାଇଁ ଲକ୍ଷ ଲକ୍ଷ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ସେଭଳି ପରିବାରର ମଧ୍ୟ ଦେଶରେ ଅଭାବ ନାହିଁ । ଏଣୁ ଆମ ଦେଶୀୟ ବିଶ୍ୱବିଦ୍ୟାଳୟରୁ ଏଭଳି ପରିବାରର ପିଲାଙ୍କ ସଂଖ୍ୟା କମିବ ଓ କେବଳ ମଧ୍ୟବର୍ଗ ଓ ନିମ୍ନ-ମଧ୍ୟବର୍ଗ ପରିବାରର ପିଲାମାନେ ହିଁ ପଢ଼ିବେ । ଏହା ଭାରତରେ ହେବାକୁ ଥିବା ସବୁଠାରୁ ଦୁର୍ଭାଗ୍ୟଜନକ ବର୍ଗ ବିଭାଜନ ସୃଷ୍ଟି କରିବ । ଗରୀବ ଏବଂ ଧନୀ ଭିତରେ ଥିବା ଅସାମସ୍ୟ / ଦୂରତା ପୂର୍ବରୁ ଏଭଳି ବିକଟ ରୂପ ନେଇ ନଥିଲା । ଘରୋଇ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏଭଳି ପରିସ୍ଥିତି ପୂର୍ବରୁ ଥିଲା କିନ୍ତୁ ବିଦେଶୀ ବିଶ୍ୱବିଦ୍ୟାଳୟ ଆସିବା ପରେ ସ୍ଥିତି ପୁରା ମାତ୍ରାରେ ଚରମରେ ପହଞ୍ଚିବ । ବିଦେଶୀ ବିଶ୍ୱବିଦ୍ୟାଳୟମାନଙ୍କୁ ଭାରତରେ ସେମାନଙ୍କର କ୍ୟାମ୍ପସ ବା ପରିସର ଖୋଲିବା ପାଇଁ ଅନୁମତି ଦିଆଯିବା ଦ୍ୱାରା ଏକଥା ସ୍ପଷ୍ଟ ହୋଇଯାଇଛି ଯେ ଭାରତରେ ଶିକ୍ଷା କେବେ ବ୍ୟବସ୍ଥା କେତେ ଉନ୍ନତ ଓ ସୁଦୃଢ । ଏବେ ଦେଶରେ ଥିବା ହଜାରେ ରୁ ଅଧିକ ବିଶ୍ୱବିଦ୍ୟାଳୟ ଓ ପାଖାପାଖି ୪୨ ହଜାର କଲେଜରୁ ପାଠପଢି ଉତ୍ତୀର୍ଣ୍ଣ ହେଉଥିବା ଡିଗ୍ରୀଧାରୀ ମାନଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏଭଳି ଡିଗ୍ରୀଧାରୀ ମାନଙ୍କ ମଧ୍ୟରୁ ଅନେକଙ୍କୁ ସାଧାରଣ ଚାକିରୀଟିଏ ମଧ୍ୟ ମିଳି ପାରୁନାହିଁ । ଅନେକେ ମଧ୍ୟ ସାଧାରଣ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେଉନାହାଁନ୍ତି । ଅର୍ଥ ହେଉଛି ଏମାନଙ୍କର ରୋଜଗାର ଯୋଗ୍ୟତା ଶୂନ୍ । ଅପରପକ୍ଷରେ ଘରୋଇ କ୍ଷେତ୍ରରେ ଥିବା ବିଶ୍ୱବିଦ୍ୟାଳୟ ମାନଙ୍କରେ ଓ କଲେଜ ମାନଙ୍କରେ ଶିକ୍ଷା ମହଙ୍ଗା । ଦେଶର ୧୦ ରୁ ୧୫ ପ୍ରତିଶତ ଲୋକଙ୍କ ପିଲା ଏହି ଘରୋଇ କ୍ଷେତ୍ରର ଶିକ୍ଷାନୁଷ୍ଠାନରେ ପଢିବା ପାଇଁ ସକ୍ଷମ । ଏଭଳି ସ୍ଥିତି ବେଳେ ବିଦେଶୀ ବିଶ୍ୱବିଦ୍ୟାଳୟ ମାନଙ୍କର ଅତି ମହଙ୍ଗା ଶିକ୍ଷା ଏବେ ଯୋଡ଼ି ହୋଇଯିବ । କେମ୍ବ୍ରିଜ୍, ହାର୍ଭାର୍ଡ, ଅକ୍ସଫୋର୍ଡ ଏବଂ ୟେଲୋ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ବର୍ଷକୁ ଦୁଇ ତିନି ଲକ୍ଷ ଟଙ୍କା ଦେବାକୁ ପଡ଼ିବ ନିଶ୍ଚୟ । ଦେଶର ଶିକ୍ଷା ବ୍ୟବସ୍ଥାର ଏଭଳି ସ୍ଥିତି ବେଳେ ଆମ ଶିକ୍ଷା ବ୍ୟବସ୍ଥା ବିଶ୍ୱଗୁରୁ ହେବାର ଦାୟିତ୍ୱ ନେବ ବୋଲି କୁହାଯାଉଛି । ଏକଥା ସତ୍ୟ ବିଶ୍ୱବଜାରରେ ନାମି ଦାମୀ (ଅଧିକ ବେତନରେ) ନିଯୁକ୍ତି ପାଇବା ଭଳି ବ୍ୟକ୍ତି ବିଦେଶୀ ବିଶ୍ୱବିଦ୍ୟାଳୟରୁ ହିଁ ବାହାରିବେ । ଆମ ଦେଶୀୟ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଉଥିବା ଡିଗ୍ରୀଧାରୀଙ୍କ ଶ୍ରମ ଶସ୍ତା ହୋଇଯିବ । ବିଦେଶୀ ବିଶ୍ୱବିଦ୍ୟାଳୟମାନଙ୍କୁ ଦେଶରେ କ୍ୟାମ୍ପସ୍ ଖୋଲିବା ପାଇଁ ଅନୁମତି ଦିଆଯିବା ଉପରେ ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ ୨୦୨୪ ସୁଦ୍ଧା ୧୮ ଲକ୍ଷ ଛାତ୍ର ବିଦେଶରେ ପଢିବାକୁ ଯିବାରକୁ ଥିବାରୁ ସେମାନେ ଶିକ୍ଷାଲାଭ ପାଇଁ ଆଠ ଆରବ ଡଲାର ଖର୍ଚ୍ଚ କରିବେ । କିନ୍ତୁ ତାର ୩ ଚତୁର୍ଥାଂଶ ଖର୍ଚ୍ଚରେ ସେମାନେ ଭାରତରେ ହେବାକୁ ଥିବା ବିଦେଶୀ ବିଶ୍ୱବିଦ୍ୟାଳୟରେ ପଢିପାରିବେ । ଏହାଦ୍ୱାରା ପ୍ରତିଭା ପଳାୟନକୁ ମଧ୍ୟ ରୋକାଯାଇପାରିବ । ସରକାରଙ୍କ ଯୁକ୍ତି ମଧ୍ୟ ହାସ୍ୟାସ୍ପଦ । ଅନ୍ୟ ଏକ ଯୁକ୍ତି ହେଉଛି ବିଦେଶୀ ବିଶ୍ୱବିଦ୍ୟାଳୟ ଖୋଲିଲେ ଦେଶର ବିଶ୍ୱବିଦ୍ୟାଳୟମାନେ ପ୍ରତିଯୋଗିତା ପାଇଁ ସେମାନଙ୍କ ସ୍ଥିତିକୁ ସୁଧାରିବେ । କି'ଁ ସରକାରଙ୍କ ଯୁକ୍ତି ଅନୁସାରେ ଦେଶୀୟ ବିଶ୍ୱବିଦ୍ୟାଳୟ ଓ କଲେଜ ବାବଦରେ ଅଭିଯୋଗ ଉଠୁଛି ଯେ ସେମାନଙ୍କର ଏକାଡେମିକ ଢାଞ୍ଚା ଉତ୍ସାହୀନ ଅଧ୍ୟାପନ ଏବଂ ପିଲାମାନଙ୍କୁ ଯତ୍ରେକତ୍ରେ ଉତ୍ତୀର୍ଣ୍ଣ କରାଇଦେବା ଭିତରେ ସୀମିତ ହୋଇ ରହିଯାଇଛି । ଅର୍ଥାଭାବରୁ ଅନେକ ପ୍ରତିଭାଙ୍କର ବିକାଶ ହୋଇପାରୁନଥିବା ବେଳେ ପିଏଚ୍‌ଡି ମଧ୍ୟ ବିକ୍ରୀ ହେଉଛି । ପ୍ରଶ୍ନ ଉଠୁଛି ଯେ ଆମ ଦେଶରେ ଯେତେବେଳେ ବିଶ୍ୱ ବିଦ୍ୟାଳୟ ସବୁ ସ୍ଥାପନ ହେଲା ସେତେବେଳେ ଉଦ୍ଦେଶ୍ୟ କ'ଣ ଥିଲା ? ଏଥିମଧ୍ୟରୁ କିଛି ବିଶ୍ୱବିଦ୍ୟାଳୟକୁ ଭାରତର କେମ୍ବ୍ରିଜ୍ ଓ ଅକ୍ସଫୋର୍ଡ ଆଖ୍ୟା ଦିଆଯାଉଥିଲା । ତକ୍ଷଶୀଳା, ନାଳନ୍ଦା ଅଥବା ବିକ୍ରମଶୀଳା ଭଳି ପ୍ରାଚୀନକାଳୀନ ବିଶ୍ୱବିଦ୍ୟାଳୟର ପରମ୍ପରା ଠାରୁ ଏବେର ବିଶ୍ୱବିଦ୍ୟାଳୟମାନେ ଅନେକଦୂରରେ । ବିଡ଼ମ୍ବନାର ବିଷୟ ହେଉଛି ଯେଉଁ ଦେଶୀୟ ବିଶ୍ୱବିଦ୍ୟାଳୟମାନଙ୍କୁ ଦେଶର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ବୋଲି କୁହାଯାଉଥିଲା ସେ ସବୁ ବିଶ୍ୱବିଦ୍ୟାଳୟ ପାଖରେ ୟୁରୋପୀୟ ବିଶ୍ୱବିଦ୍ୟାଳୟମାନେ ତାଙ୍କର କ୍ୟାମ୍ପସ୍ ଖୋଲିବେ । ଡଲାର, ପାଉଣ୍ଡ, ୟୁରୋ ରେ ସେମାନେ ଲାଭ କମେଇବେ ଓ ଫେମା ଆଇନର ସର୍ତ୍ତ ଅନୁସାରେ ନିଜ ଦେଶକୁ ପ୍ରଚୁର ଅର୍ଥ ବୋହିନେବେ । ଆମ ଦେଶର ବିଶ୍ୱବିଦ୍ୟାଳୟ ମାନେ ସେମାନଙ୍କ ପ୍ରଭାବରେ ପ୍ରଭାବହୀନ ହୋଇ ନିମ୍ନ ସ୍ତରରେ ରହିବେ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

'ଝିଅ ମାନଙ୍କ ପାଇଁ ପ୍ରଗତିର ଆଲୋକବର୍ତ୍ତିକା'

ଡଃ.ଅରୁନ୍ଧତୀ ଦେବୀ

ପ୍ରତିବର୍ଷ ମାର୍ଚ୍ଚ ୧୨ରେ ପାଳନ କରାଯାଏ ଗର୍ଲ ସ୍କାଉଟ ଡେ। ଜୁଲିଏଟ୍ ଡେଜି ଗର୍ଡନ୍ ଲୋ ଗର୍ଲ ସ୍କାଉଟ ପ୍ରତିଷ୍ଠା କରିଥିଲେ। ପ୍ରତିବର୍ଷ ଏକ ମୁଖ୍ୟ ସ୍ଲୋଗାନ ବା ବାର୍ତ୍ତା ଏହି ଦିବସ ପାଇଁ ରହିଥାଏ। ଚଳିତ ବର୍ଷର ଏହି ବାର୍ତ୍ତା ରହିଛି 'ଝିଅ ମାନଙ୍କ ପାଇଁ ପ୍ରଗତିର ଆଲୋକବର୍ତ୍ତିକା'। ୧୯୧୨ ମାର୍ଚ୍ଚ ଏହି ଦିନରେ ମାତ୍ର ଅଠର ଜଣ ବାଳିକାଙ୍କୁ ନେଇ ଜର୍ଜିଆର ସାଭାନାରେ ଏହାର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ବାଳିକାଙ୍କୁ ଅଧିକ ସ୍ୱାଧୀନତା ଦେବା ସହ ଘରୁ ବାହାରି ବାଳକଙ୍କ ସହ ସମକକ୍ଷ ହେବା ପାଇଁ ନିଜକୁ ପ୍ରସ୍ତୁତ କରିବା ଥିଲା ଏହି ସଂସ୍ଥା ଗଠନର ଲକ୍ଷ୍ୟ। ମୁଖ୍ୟ ଆଭିମୁଖ୍ୟ ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି। ଏହି ସଂସ୍ଥା ସଂପୂର୍ଣ୍ଣ ଭାବେ ମହିଳାଙ୍କ ପାଇଁ, ମହିଳାଙ୍କର ଏବଂ ମହିଳାଙ୍କ ଦ୍ୱାରା ପରିଚାଳିତ। ସଂପ୍ରତି ସାରା ବିଶ୍ୱରେ ଏହାର ସଦସ୍ୟା ସଂଖ୍ୟା ସତତିରିଶ ଲକ୍ଷ। ଅଦ୍ୟାବଧି ପାଞ୍ଚ କୋଟିରୁ ଅଧିକ ବାଳିକା ଏହାର ସଦସ୍ୟା ହୋଇସାରିଲେଣି। ପୃଥିବୀର ଅନେକ ବିକାଶଶୀଳ ରାଷ୍ଟ୍ରର ଆଗୁଆ ଝିଅମାନେ ଦିନକୁ ଦିନ ଏହି ସ୍କାଉଟ୍ ସମ୍ବନ୍ଧରେ ଅଧିକ ଜାଣିବା ସହ ଏହାର ସଦସ୍ୟତା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି ବର୍ତ୍ତମାନ ସମୟରେ ସ୍କାଉଟ ବ୍ୟବସ୍ଥା ଏହାର ସାମଗ୍ରୀକ ସାମାଜିକ ସେବା ଓ ଦାୟିତ୍ୱବୋଧତାକୁ ବଢ଼ାଇ ସାରିଲାଣି। ଏ କ୍ଷେତ୍ରରେ ୟୁନିସେଫ୍ ଓ ବିଶ୍ୱ ସ୍ୱାସ୍ଥ୍ୟ ସେବା ସଙ୍ଗଠନ ସେମାନଙ୍କୁ ନୈତିକ ସମର୍ଥନ ଓ ସହଯୋଗ ଦେବା ପାଇଁ ଆଗେଇ ଆସୁଛନ୍ତି। ଏସବୁ ସତ୍ତ୍ୱେ ବର୍ତ୍ତମାନ ବି ଝିଅ ମାନଙ୍କ ପ୍ରତି ଅତ୍ୟାଚାର, ଅସଦ୍ ବ୍ୟବହାର ଓ ନିନ୍ଦନୀୟ ଆଚରଣ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢୁଛି। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ଗାର୍ଲ ସ୍କାଉଟ କେନ୍ଦ୍ର ଅଧିକରୁ ଅଧିକ ଭାବେ ଖୋଲିବା ସହ ସରକାର ଓ କିଛି ବେସରକାରୀ ସଂଗଠନମାନେ ମଧ୍ୟ ସହାୟତା, ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ମଧ୍ୟ କରୁଛନ୍ତି। ତେଣୁ ଏ ସବୁ କ୍ଷେତ୍ରରେ ଆମ ସମସ୍ତଙ୍କ ଭିତରେ ସଚେତନତା ସୃଷ୍ଟି ହେବା ସହ ଗର୍ଲ ସ୍କାଉଟ ବ୍ୟବସ୍ଥା କିପରି ସବୁଠି ପ୍ରଚଳିତ ହେବା ସହ ଏହା ଝିଅ ମାନଙ୍କୁ ସାହାସ, ସାମାଜିକ ସେବା, ନୈତିକତାର ପରିଚୟ ଓ ଦେଶ ମାତୃକାର ସେବା ପାଇଁ ସମର୍ପିତ ଭାବନା ସୃଷ୍ଟି କରିବ ଏ ସବୁ ଅନୁଚିନ୍ତାକୁ ନେଇ ଆଜିର ଦିବସର ଅନ୍ତର୍ନିହିତ ମୂଳ ତାତ୍ପର୍ଯ୍ୟକୁ ଆମେମାନେ ବୁଝିପାରିଲେ ଗର୍ଲ ସ୍କାଉଟ ଡେର ପ୍ରାସଙ୍ଗିକତା ଉଜ୍ଜୀବିତ ହୋଇରହିବ ଓ ଅନ୍ୟ ଝିଅ ମାନଙ୍କୁ ଏହା ଆଲୋକବର୍ତ୍ତିକା ପରି ରାସ୍ତା ଦେଖାଇବ ନିଶ୍ଚୟ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ବିପଜ୍ଜନକ ବିକିରଣ

ଡାକ୍ତର ସମ୍ରାଟ କର

ଜୀବଜଗତ ପାଇଁ ମାରାତ୍ମକ ବନିଯାଇଛି ମୋବାଇଲ୍ ଟାୱାର। ଏଥିରୁ ବାହାରୁଥିବା ଚୁମ୍ବକୀୟ ବିକିରଣ ପଶୁ ସମ୍ପଦକୁ ଅଧିକ ହାନୀ ପହଞ୍ଚାଉଛି। ମଣିଷ ସମାଜ ବି ଏଥିରେ ବେଶ୍ ପ୍ରଭାବିତ। ଟାୱାରର ଚୁମ୍ବକୀୟ ବିକିରଣ ସଂସ୍ପର୍ଶରେ ଆସି ଲୋକେ କ୍ୟାନସର, ହୃଦରୋଗ, ମସ୍ତିଷ୍କ ଓ ଶ୍ୱାସ ଭଳି ଭୟଙ୍କର ରୋଗରେ ପିଡ଼ୀତ ହେଉଛନ୍ତି। ଟାୱାର ବସାଯିବା କ୍ଷେତ୍ରରେ ଲାଗୁ ନିୟମ ଅର୍ଥାତ୍ ଉଚ୍ଚତା, ସ୍ଥାନ ଏବଂ ଜନବସତି ଠାରୁ ଦୂର ଆଦିକୁ ଅମାନ୍ୟ କରାଯାଏ, ଭବିଷ୍ୟତରେ ଏହି ବିପଦ ଆଶାଠାରୁ ଅଧିକ ବଢ଼ିଯିବ। ମୋବାଇଲ ଟାୱାର ଏବଂ ଅଧିକ ମେଗା ପିକ୍ସେଲର ମୋବାଇଲ ଫୋନ ଆମ ଶରୀର ପାଇଁ କ୍ଷତିକାରକ। ଏହାଦ୍ୱାରା ଉଭୟ ଶରୀର ଏବଂ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ। ଏହାର କୁପ୍ରଭାବ ଦ୍ୱାରା ମଣିଷ ଅଧିକ ବିରକ୍ତି ଭାବ ପ୍ରକାଶ କରିଥାଏ, ଏକାଗ୍ରତା ଆସିପାରି ନଥାଏ। ୨୦୦୫ ୱାର୍ଲ୍ଡ ହେଲଥ ଅର୍ଗାନାଇଜେସନର ଗାଇଡ଼ଲାଇନ ଅନୁଯାୟୀ ସ୍କୁଲ, କଲେଜ, ହସ୍ପିଟାଲ ଏବଂ ମାର୍କେଟ ଅଞ୍ଚଳର ୫୦ ମିଟର ମଧ୍ୟରେ ମୋବାଇଲ ଟାୱାର ରହିବା ଅନୁଚିତ। ୧୫ ମିଟର ମଧ୍ୟରେ ସୃଷ୍ଟି ହେଉଥିବା ରେଡ଼ିଏସନ୍ ମଧ୍ୟ ଅନେକ କ୍ଷତିକାରକ। ଏହାକୁ ସେଲ ପାୱାର ନର୍ମ କୁହାଯାଇଥାଏ। ସେହିପରି ଅଧିକ ଶକ୍ତିଶାଳୀ ମୋବାଇଲ ଫୋନ୍ ଦ୍ୱାରା ମଣିଷର ଶରୀର ମଧ୍ୟ ଅଧିକ କ୍ଷତି ହୋଇଥାଏ। ୩୦୦ରୁ ଅଧିକ ଫ୍ରିକ୍ୱେନ୍ସି ଭାଇବ୍ରେସନ୍ ହେଲେ ଶରୀରରେ କ୍ଷତି ଘଟିଥାଏ। ଅନେକ ବ୍ୟକ୍ତି ରାତିରେ ଶୋଇବା ସମୟରେ ନିଜ ତକିଆ ତଳେ ଗୋଟିଏରୁ ତିନୋଟି ଲେଖାଏଁ ମୋବାଇଲ ରଖି ଶୋଇଥାନ୍ତି। ଏହାର ପରିଣାମ ବେଶ ଭୟଙ୍କର। ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡ଼ିକାଲ ରିସର୍ଚ୍ଚର ତଥ୍ୟ ଅନୁଯାୟୀ, ମୋବାଇଲ ଟାୱାର ଏବଂ ମୋବାଇଲରୁ ବହୁମାତ୍ରାରେ ରେଡ଼ିଏସନ୍‌ର ବାହାରୁଛି। ଯାହାର ପ୍ରଭାବ ମଣିଷ ସମାଜ ଉପରେ ପଡୁଥିବା ମଧ୍ୟ ଦେଖାଦେଇଛି। ତେବେ ଫଳାଫଳ ଆସନ୍ତା ଦୁଇବର୍ଷ ଭିତରେ ସ୍ପଷ୍ଟ ହୋଇଯିବ। ତେବେ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି, ଟାୱାରରୁ ବାହାରୁଥିବା ବିକିରଣ ସ୍ୱର୍ମ କାଉଣ୍ଟକୁ ବେଶି ପ୍ରଭାବିତ କରୁଛି । ହୃଦ୍‌ରୋଗ ବିଶେଷଜ୍ଞ କହିବା ଅନୁଯାୟୀ ଏହି ବିକିରଣର କୁପ୍ରଭାବ ମଣିଷ ଶରୀର ଉପରେ ପଡୁଛି। ତେବେ ଏ ପ୍ରଭାବର ମାତ୍ରା କେତେ ଏବଂ କେତେ ସମୟ ସଂସ୍ପର୍ଶରେ ଆସିଲେ କୁ ପ୍ରଭାବ ପଡୁଛି ତାହା ଅଧିକ ଗବେଷଣା ପରେ ସ୍ପଷ୍ଟ ହୋଇଯିବ। ମୋବାଇଲ ଟାୱାରରୁ ବାହାରୁଥିବା ବିକିରଣର ପରିମାଣ କମ୍ ହୋଇଥିଲେ ବି ସେଲ୍ ଟିସ୍ୟୁ ଏବଂ ଡିଏନ୍‌ଏ କୁ ପ୍ରଭାବିତ କରିଥାଏ । ମୋବାଇ ଟାୱାର ବିକିରଣ ଜୀବଜଗତକୁ ଗଭୀର ପ୍ରଭାବିତ କରୁଛି ଏଥିଯୋଗୁଁ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବଂଶ ବୁଡ଼ିବାକୁ ବସିଥିବାବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଘରଚଟିଆ। ଗତ କିଛି ମାସ ମଧ୍ୟରେ ହଜାର ହଜାର ଘରଚଟିଆ ମରି ପଡ଼ିଥିବା ବିଭିନ୍ନ ଅଞ୍ଚଳରେ ଦେଖାଯାଉଛି। ଏହାଛଡ଼ା ଟାୱାର ପାଖାପାଖି ରହୁଥିବା ଲୋକେ ବି ନାନା ରୋଗରେ ପଡୁଛନ୍ତି। ଏହି ଅଭିଯୋଗ ବିଭିନ୍ନ ରାଜ୍ୟରୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ତୁରନ୍ତ ମୋବାଇଲ ଟାୱାରର ବିକିରଣ ହ୍ରାସ ପାଇଁ କେନ୍ଦ୍ର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମୋବାଇଲ ଟାୱାରର ବିକିରଣ କମାଇବା ପାଇଁ ରାଜ୍ୟ ଓ ବିଭିନ୍ନ କ୍ଲିନିକ୍ ଅପରେଟିଭ୍ ମାନେ କ'ଣ କରିବା ଉଚିତ ତାହା ଉଲ୍ଲେଖ କରାଯାଇଛି। ବିକିରଣ ଯେପରି ଜୀବଜଗତକୁ ପ୍ରଭାବିତ ନକରିବ ସେନେଇ ସେବା ପ୍ରଦାନକାରୀ କମ୍ପାନୀକୁ ଜଙ୍ଗଲ ଓ ପରିବେଶ ବିଭାଗ ଅବଗତ କରିବ। ଟାୱାରରୁ ବାହାରୁଥିବା ବିକିରଣ ନିୟମିତ ଯାଞ୍ଚ କରାଯିବ। ଯଦି ଟାୱାର ଦ୍ୱାରା ଲୋକେ ପ୍ରଭାବିତ ହେଉଛନ୍ତି ତେବେ ତୁରନ୍ତ ଟାୱାର ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ବିକିରଣ ପ୍ରଭାବ ସମ୍ପର୍କରେ ଟାୱାର ନିକଟରେ ସାଇନ୍‌ବୋର୍ଡ଼ ଲଗାଯାଇ ସୂଚନା ଦିଆଯାଉ। ଟାୱାରର ୧ କିଲୋମିଟର ମଧ୍ୟରେ ଆଉ କୌଣସି ଟାୱାର ଲଗାଯିବା ପାଇଁ ଅନୁମତି ଦିଆନଯାଉ। ଏହି ବିକିରଣ ପ୍ରଭାବ କେତେ କ୍ଷତିକାରକ ତାହା ମୁମ୍ବାଇ ଆଇଆଇଟିର ପ୍ରଫେସର କେନ୍ଦ୍ର ସରକାରଙ୍କୁ ଅବଗତ ସହ ସତର୍କ କରାଇଛନ୍ତି। ବିଶେଷଜ୍ଞଙ୍କ ମତରେ ମୋବାଇଲ ଟାୱାର ନିକଟରେ ରହିବା ଅର୍ଥ ୨୪ଘଣ୍ଟା ମାଇକ୍ରୋ ୱେଭ୍ ଓଭେନ୍ ଭିତରେ ରହିବା ଭଳି। ମୋବାଇଲ ଟାୱାର ବସାଯିବା ନେଇ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ପ୍ରସ୍ତୁତ କରିଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଏଥିରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା ଜୀବଜଗତକୁ। ନିୟମ ହୋଇଥିଲା ମୋବାଇଲ ଟାୱାର ଜନବସତିରୁ ଦୂରରେ ବସିବ। ୧ କିଲୋମିଟର ଭିତରେ ଏକାଧିକ ଟାୱାର ଲାଗିପାରିବ ନାହିଁ ଏବଂ ଟାୱାରର ଉଚ୍ଚତା ଅଧିକ ହେବ। ହେଲେ ସବୁ ନିୟମ ଗଲା ଚୁଲିକୁ। ମୋବାଇଲ କମ୍ପାନୀ ଉକ୍ତ ନିୟମକୁ ଖୋଲାଖୋଲି ଉଲଙ୍ଘନ କରିଛନ୍ତି। ଗୋଟିଏ କିଲୋମିଟର ଭିତରେ ଶହ ଶହ ମୋବାଇଲ ଟାୱାର ଛିଡ଼ା ହୋଇଛି। ତା ପୁଣି ଜନବସତି ଭିତରେ ଆଉ କମ୍ ଉଚ୍ଚତାରେ। ସବୁଠାରୁ ବଡ଼କଥା ହେଉଛି ଲଗାଯାଇଥିବା ମୋବାଇଲ ଟାୱାର ମଧ୍ୟରୁ ଅଧାରୁ ଅଧିକ ଅବୈଧ। ଏହାସତ୍ତ୍ୱେ କୌଣସି ରାଜ୍ୟର ସରକାର ପାଟି ଖୋଲି ନାହାଁନ୍ତି। ଦିଲ୍ଲୀରେ ପାଖାପାଖି ୬ ହଜାର ଟାୱାର ଲାଗିଛି। ସେଥିରୁ ୨୯୫୨ଟି ହେଉଛି ଅବୈଧ ସେହିପରି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୨ ହଜାରରୁ ଅଧିକ ମୋବାଇଲ ଟାୱାର ଲାଗିଥିବାବେଳେ ଶତାଧିକ ଅବୈଧ ବୋଲି ଜଣାପଡ଼ିଛି। ମୋବାଇଲ କମ୍ପାନୀଗୁଡ଼ିକ ଏହି ଟାୱାର ଲଗାଇବା ଲାଗି ଆବଶ୍ୟକ ଠାରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଫଳରେ ଫାଇଦା ଉଠାଇବାକୁ ଯାଇ ଲୋକେ ଭବିଷ୍ୟତର ଏହି ବିପଦକୁ ନଜର ଅନ୍ଦାଜ କରିଥିଲେ। ଆଜି ଦେଶ ପାଇଁ ଏକ ପ୍ରକାର କାଳ ପାଲଟିଯାଇଛି।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

ମାନବୀୟ ବିଭବ, ଶୃଙ୍ଖଳା ଓ ଶିଷ୍ଟାଚାର

ବିଚିତ୍ରାନନ୍ଦ ପ୍ରଧାନ

ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ହେଉଛି ଶ୍ରେଷ୍ଠ ପ୍ରାଣୀ। ବୁଦ୍ଧି, ବି

ସାହିତ୍ୟ ଦର୍ପଣ



ଦେଶପ୍ରେମ

ଶୁଭକୀର୍ତ୍ତି ତ୍ରିପାଠୀ

ସମର କହିଯାଇଛି ଏଥର ନୂଆବର୍ଷରେ ରେ ନିଶ୍ଚୟ ଘରକୁ ଆସିବ । ସେଇ ଆଶାରେ ଭାଇ ଶୁଭମ ଓ ମାଆ ଗଙ୍ଗୋତ୍ରୀ ଦେବୀ ଯେମିତି ଗୋଟିଏ ଗୋଟିଏ ଦିନ ଗଣୁଛନ୍ତି । ସମର ଛୋଟ ଥିଲାବେଳେ ହିଁ ବାପାଙ୍କ ଛତ୍ରଛାୟା ପିଲା ଦି' ଜଣଙ୍କ ଉପରୁ ଉଠିସାରିଥିଲା । ବାପା ଥିଲେ ମିଲିଟାରୀ ଯବାନ । ସୀମାରେ ଯୁଦ୍ଧରତ ଥିବା ବେଳେ ହିଁ ଶତ୍ରୁ ଗୁଳିରେ ପ୍ରାଣ ହରେଇଥିଲେ । ହେଲେ ତା ପୂର୍ବରୁ ଶତ୍ରୁପାର ଦୁଇଟି ବଙ୍କର କୁ ଧ୍ୱଂସ କରି ତ୍ରିରଙ୍ଗା ଉଡେଇ ଦେଇଯିବାର ସୌଭାଗ୍ୟ ଅର୍ଜନ କରିଯାଇଥିଲେ । ତା ପରଠୁ ସମର ଓ ଶୁଭମଙ୍କ ବାପା ଓ ମାଆ ଉଭୟେ ଥିଲେ ଗଙ୍ଗୋତ୍ରୀ ଦେବୀ ନିଜେ । ପିଲାଟି ଦିନରୁ ପୁଅର ମାତୃଭୂମି ପ୍ରତି ଥିବା ସ୍ନେହ ତାକୁ ଜଣେ ସିପାହୀ ହେବା ପାଇଁ ପ୍ରେରିତ କରିଥିଲା । ଅତି ଛୋଟ ବେଳୁ ବାପାଙ୍କ ବୀରତା ଓ ସାହାସିକତା ର କାହାଣୀ ମାଆ ଙ୍କ ମୁହଁରୁ ଶୁଣି ଶୁଣି ସେ ବଢିଥିଲା । ଦେଶପ୍ରେମ ତା ରକ୍ତରେ ଜନ୍ମପୂର୍ବରୁ ଥିଲା କହିଲେ ଠିକ ହବ । ତାର ସେଇ ମନୋକାମନା କୁ ପୁରଣ କରିବାକୁ ଯାଇ ବହୁତ କଷ୍ଟ ହେଲେ ମଧ୍ୟ ଗଙ୍ଗୋତ୍ରୀ ଦେବୀ ଛାତିରେ ପଥର ରୁ ପୁଅକୁ ଦେଶର ସୁରକ୍ଷା ଓ ସେବା ପାଇଁ ଅନୁମତି ଦେଇଥିଲେ । ଘରେ ସାନପୁଅ ଶୁଭମର ଦାୟିତ୍ୱ ସୁଚାରୁ ରୂପେ ତୁଲାଉଥିଲେ ମଧ୍ୟ ତାଙ୍କ ମନ ସବୁବେଳେ ବଡ଼ପୁଅ ସମର ର ଶୁଭ ମନାସି ପରମେଶ୍ୱରଙ୍କ ପ୍ୟାରେ ତା ସୁରା ପାଇଁ ବିଚଳିତ ହୁଏ । ସବୁବେଳେ ଟିଭି ଖୋଲି ନିୟୁଜ ଚାନେଲ ହିଁ ଦେଖନ୍ତି ସେ । ଫୋନ ଟିଏ ଆସିଲେ ମନରେ ଛନକା ପଶିଯାଏ, କାଳେ ସୀମା ରୁ କିଛି ଖବର ଆସିଥିବ ବୋଲି । ସମର ର ପିତା ସହୀଦ ହୋଇଯିବାର ଖବର ଏମିତି ହିଁ ଦିନେ ଆସିଥିଲା । ସ୍ୱାମୀଙ୍କ ଅନୁପସ୍ଥିତିରେ ଦୁଇଟି ଛୁଆଙ୍କୁ ମଣିଷ କରିବା ପାଇଁ ସେ ବହୁତ କଷ୍ଟ ସହିଛନ୍ତି ।

ଭାଇ ଆସିବେ ବୋଲି ଶୁଭମର ବି ଗୋଡ଼ ଆଉ ତଳେ ଲାଗୁନି । ସାଙ୍ଗମାନଙ୍କୁ କହିରଖିଛି ଯେ ତା ଭାଇ ଆସିଲେ ସେ ସମସ୍ତଙ୍କୁ ତାଙ୍କ ଘରକୁ ଡ଼ାକିବ । ସମସ୍ତଙ୍କ ଆଗରେ ଟିକେ ବାହାଦୁରୀ ନେବ ତା ଭାଇଙ୍କ ସାହାସିକତା କଥା କହି । ସେମାନେ ସୀମା ରେ କେମିତି ଶତ୍ରୁଙ୍କ ଛାଉଣୀ ଉପରେ ଆକ୍ରମଣ କରନ୍ତି ସେ ବିଷୟରେ ସମସ୍ତେ ମିଶି ଭାଇଙ୍କ ମୁହଁରୁ ଶୁଣିବେ । ତାକୁ ଶ୍ରେଣୀ ରେ ଚିଡଉଥିବା ପିଲାଙ୍କୁ ଡାକି ଥରେ ତା ଭାଇଙ୍କ ସହିତ ଦେଖା କରେଇଦେଲେ, ସେମାନେ ଭାଇଙ୍କ ଭୟରେ ତାକୁ ବି ଡରିବେ । ଭାଇଙ୍କ ରହିବା କୋଠରୀ କୁ ସୁନ୍ଦର କରି ସଜେଇ ସେଠି ତାଙ୍କ ପିଲା ଦିନରୁ ଆଜିଯାଏଁ ସାଇତିଥିବା ଫୋଟୋ ଗୁଡିକୁ କୋଲାଜ କରି ବିଭିନ୍ନ ଶୈଳୀରେ ତାକୁ ସଜେଇଛି ଶୁଭମ । ସେପଟେ ମାଆ ମଧ୍ୟ ସମରକୁ ଭଲ ଲାଗୁଥିବା ରାଶିଲଡୁ, ପେଡା, ମୁଡୁକି ଆଦି ତିଆରି କରିବାରେ ଜୁଟିଯାଇଛନ୍ତି । ହାଟରୁ ତା ପସନ୍ଦ ମୁତାବକ ସବୁ ପରିବା ଆଣି ଫ୍ରିଜ ରେ ଭର୍ତ୍ତି କରିସାରିଲେଣି । ଏଥର ତାକୁ କୁଆଡେ ବାହାରକୁ ଛାଡ଼ିବେନି, ସେ ଖାଲି ରୋଷେଇ କରୁଥିବେ ଏବଂ ସମର ଘରେ ରହି ଖାଇପିଇ ଶୁଭମ ଓ ତାଙ୍କ ସହିତ କଥା ହଉଥିବ । ବିଚ୍‌ରା ଛୁଆଟା ଦିନ ଦିନ ସୀମାରେ ଅୁଆ ଅପିଆ ରହି ଶୁଖ କଣ୍ଟା ହେଇଯାଇଥିବ କି କଣ ? ଭାରତ -ପାକିସ୍ତାନ ସୀମାରାଖୀ ଙ୍କ କାମ ଖବ କଷ୍ଟ । ରାତି ରାତି ଅନିଦ୍ରା, ତା ଉପରେ ଶତ୍ରୁଙ୍କ ଭୟା ସବୁବେଳେ ଜୀବନ ବାଜି ରେ ଲାଗିକି ଥାଏ । ମାଆ ପୁଣିଥରେ ସେଠିକାର କଥା ମନେ ପକେଇ ବ୍ୟସ୍ତ ବିବ୍ରତ ହୋଇଗଲେ । ତାଙ୍କୁ କେମିତି ଅଲଗା ଅନୁଭବ ହେଲା, ହଠାତ ମନକୁ ପାପ ଛୁଇଁଲା, କିଛି ଅସୁବିଧା ହୋଇନି ତ ସମର ର ? ମାଆମନ, ରୋଷେଇଘର କାମ ଅଧା ଛାଡି ସେ ଦଉଡିଗଲେ ଠାକୁର ଘରକୁ । ଜୋଡହସ୍ତରେ ଠାକୁରଙ୍କ ଶରଣରେ ବସିପଡି ପୁଅ ଉପରେ ଯେମିତି କିଛି ବିପତ୍ତି ନ ଆସୁ, ଦୟାମୟଙ୍କ ପ୍ୟାରେ ବିନତୀ କରିବାକୁ ଲାଗିଲେ । ମାଆଙ୍କ ଆଶଙ୍କା ବୋଧେ ଠିକ ଥିଲା,ସାଙ୍ଗେ ସାଙ୍ଗେ ଫୋନ ବାଜିଉଠିଲା । ଗଙ୍ଗୋତ୍ରୀ ଦେବୀ ଗୋଟାପଣେ ଥରିବାକୁ ଲାଗିଲେ, ଘରେ ଶୁଭମ ବି ନାହିଁ, ସ୍କୁଲ ଯାଇଛି । କିଛି ଅଶୁଭ ଶୁଣିବାର ଧୈର୍ଯ୍ୟ ତାଙ୍କର ନ ଥିଲା, ସେଥିପାଇଁ ସେ ଫୋନ ଉଠେଇବାକୁ ଚାହୁଁ ନ ଥିଲେ । କିନ୍ତୁଫୋନ ନ ଉଠେଇବା ବ୍ୟତୀତ ତାଙ୍କ ପାଖରେ ଆଉ କଛି ବିକଳ୍ପ ମଧ୍ୟ ନ ଥିଲା । ଠାକୁର ଘରୁ ଫୋନ ପର୍ଯ୍ୟନ୍ତ ଆସି, ଫୋନ ଧରିବାକୁ ନିଜକୁ ଦମ୍ଭ ଦଉ ଦଉ ଫୋନଘଣ୍ଟି ବାଜିବା ବନ୍ଦ ହେଇଗଲା । ଟିକେ ଆଶ୍ୱସ୍ତ ହେଲେ ସେ, ହେଲେ ପରମୁହୂର୍ତ୍ତରେ ନିଜ ଭୀରୁପଣ କୁ ଶତଧିକ୍କାର କଲେ । ଗୋଟିଏ ବୀର ଯବାନ ର ମାଆ ହୋଇ ଏତେ ଡର ତାଙ୍କୁ କଣ ଶୋଭା ଦଉଛି ? କାଳେ ସମର ଫୋନ କରିଥିବ କିଛି ଜରୁରୀ ବିଷୟ ନେଇ । ସେ ଏଡ ? ନିର୍ବୋଧ କେମିତି ହେଲେ ଯେ ଖବର ଟି ଶୁଣିବାକୁ ବି ତାଙ୍କର ସତସାହସ ହଉନି ! ଉଦାସ ମନରେ ପୁଣିଥରେ ରୋଷେଇ ଘରକୁ ଯିବାକୁ ବସିଲେ ସୋ ତାଙ୍କ ଅନ୍ୟମନସ୍କତା କୁ ଭଙ୍ଗ କରି ପୁଣିଥରେ ଗର୍ଜି ଉଠିଲା ଟେଲିଫୋନ ।

ନା...ଏଥର ସେ ନିଶ୍ଚୟ ଫୋନ ଧରିବେ.. ଦୌଡ଼ିଯାଇ ଗୋଟିଏ ଝାମ୍ପରେ ରିସିଭର କୁ ମୁଠେଇ ଧରିଲେ ଗଙ୍ଗୋତ୍ରୀ । କାନ ପାଖରେ ରିସିଭର କୁ ଧରିଥିଲେ ମଧ୍ୟ ପାଟିରୁ ତାଙ୍କର 'ହାଲୋ' ଶବ୍ଦ ଟି ବାହାରିପାରୁ ନ ଥାଏ। କିଛି ସେକେଣ୍ଡ ର ନୀରବତା ପରେ ସେପଟୁ ସମର ର କଣ୍ଠ ଶୁଭିଲା । ଗଙ୍ଗୋତ୍ରୀ ଦେବୀଙ୍କ ଜୀବନରେ ଯେମିତି ଜୀବନ ଫେରିଆସିଲା । ନ ଚାହିଁଲେ ମଧ୍ୟ ଝଡ଼ ଭଳି ପଶିଆସୁଥିବା ଅଶୁଭ ଚିନ୍ତାଗୁଡିକର କିଛି ବାଡ଼ କି ବନ୍ଧ ଅଛି ! ସେମାନେ ତ ଧସେଇ ପଶିଆସନ୍ତି ଶତ୍ରୁପାର ସୂଚାନବିହୀନ ଗୁଳି ସଦୃଶ । ସମର ଠିକ ଥିଲା, ତଥାପି ମାଆ ଦୁଶ୍ଚିରେ ଅଧୀର ହୋଇ ବିନା କିଛି ବାକ୍ୟ ବ୍ୟୟରେ ଫୋନ ରିସିଭର କୁ ଥୋଇଦେଲେ । ଆଖିରୁ ଗଡିଯାଉଥାଏ ଦୁଇଧାର ଲୁହ । ଠିକ ସେତିକିବେଳେ ଶୁଭମ ଫେରିଲା ସ୍କୁଲରୁ । ମାଆଙ୍କ ଶୁଲା ମୁହଁ ଓ ଆଖିର ଲୁହ ଦେଖ ତା ଭିତର ଟା କଣ ହୋଇଗଲା । ତାର ବି ସେଇ ଆଶଙ୍କା, ଭାଇ ଠିକ ଅଛନ୍ତି ତ ସେଇଠି ? ଦୌଡ଼ିଗଲା ଶୁଭମ । ମାଆଙ୍କୁ ଭୟରେ ଜାବୁଡି ଧରି ପଚାରିଲା କଣ ହେଇଛି ? କାହିଁକି ସେ କାନ୍ଦୁଛନ୍ତି ? କିଛି ସମୟର ନୀରବତା ପରେ ମାଆ କହିଲେ,ଯେ ପୁଣିଥରେ ଭାରତ -ପାକିସ୍ତାନ ଭିତରେ ଯୁଦ୍ଧର ଆଶଙ୍କା ରହିଛି । ସୀମାରେ ଶତ୍ରୁଙ୍କୁ କଡା ଜବାବ ଦେବାପାଇଁ ସମସ୍ତଙ୍କୁ ସତର୍କ ହୋଇରହିବାକୁ କୁହାଯାଇଛି । ଯୁଦ୍ଧ ପରିସ୍ଥିତି ର ଆଶଙ୍କା କରି ସମସ୍ତ ଯବାନମାନଙ୍କର ଛୁଟି ବାତିଲ କରିଦିଆଯାଇଛି । ଶୁଭମ କୁ ବଡ଼ ଧକ୍କାଟିଏ ଲାଗିଲା । ଭାଇ ଆସିବେ ବୋଲି କେତେ ଆଶା ଥିଲେ ମାଆ ଆଉ ସେ । କିନ୍ତୁ ପରିସ୍ଥିତି ବି ସେୟା । ଦେଶସେବା ପାଇଁ ଯିଏ ଥରେ ମନ ବଳାଏ ତା ଆଗରେ ସବୁ ପର୍ବପର୍ବାଣୀ ମୂଲ୍ୟହୀନ । ସେମାନେ ନିଜ ଜୀବନକୁ ମରଣ ଯନ୍ତା କୁ ଠେଲି ବନ୍ଧୁକ ରୁ ଗୁଳି ବର୍ଷଣ କରୁଛନ୍ତି ବୋଲି ସାରାଦେଶ ଆଜି ସୁରୀତ ହୋଇ ଘରେ ଘରେ ପର୍ବପାଳନ କରିପାରୁଛି । ଭାଇଙ୍କ ଦେଶପ୍ରେମ କଥା ଭାବି ଶୁଭମ ଗର୍ବିତ ଅନୁଭବ କରୁଥିଲା ।

ବୟସରେ ଛୋଟ ହେଲେ ବି ଶୁଭମ ମାଆଙ୍କୁ ବୁଝାଉଥାଏ ମନ କଷ୍ଟ ନ କରିବାକୁ । ' ଭାଇ ଯେ ସୀମାରେ ଶତ୍ରୁମାନଙ୍କୁ ପରାସ୍ତ କରିବେ ଏବଂ ତାଙ୍କ ଭଳି ବୀର ସୈନିକ ମାନଙ୍କ ଯୋଗୁଁ ହିଁ ଦେଶବାସୀ ଘରେ ଚିନ୍ତାଶୂନ୍ୟ ହୋଇ ରହିପାରୁଛନ୍ତି , ତା ଠାରୁ ଆଉ ଗର୍ବର ବିଷୟ କଣ ହୋଇପାରେ ଆମ ପାଇଁ ! ଶତ୍ରୁଙ୍କୁ ପରାଜିତ କରିବା ପାଇଁ ସେମାନେ ବ୍ୟବହାର କରୁଥିବା ଗୋଳାବାରୁଦ, ଗୁଳି, ବନ୍ଧୁକ, ବୋମା କଣ କୌଣସି ମହୋତ୍ସବ ଠାରୁ କମ ଉତ୍ସାହ ଯୋଗେଇଦେଉଥିବ ସମର ଭାଇଙ୍କ ଭଳି ଦେଶର ପ୍ରତି ବୀର ଯବାନ ଙ୍କୁ ? ମାଆ, ସେମାନେ ଖେଳୁଥିବା ରକ୍ତର ହୋଲି ସହିତ ଆମେ ପାଳନ କରୁଥିବା ରଙ୍ଗର ହୋଲିର କଣ ତୁଳନା କରାଯାଇପାରେ ! ' ମାଆ ବିସ୍ଫାରିତ ନୟନରେ ମୁଗ୍ଧହୋଇ ଚାହିଁରହିଥିଲେ ଶୁଭମ କୁ । ସେ କେମିତି ଜାଣିପାରିଲେ ନାହିଁ ତାଙ୍କ ଟିକି ଶୁଭମ ଟି ୟା ଭିତରେ ଏତେ ବଡ଼ ହାଇଗଲାଣି !! ଶୁଭମ କହିଉଠିଲା,' ମୁଁ ବି ଭାଇଙ୍କ ଭଳି ବୀର ସୈନିକ ହେବି ।' ମା ତାକୁ କୋଳକୁ ଟାଣି ଆଣି ଜାବୁଡି ଧରି କହିଲେ, ' ଗୋଟିଏ ପୁଅକୁ ତ ଭାରତ ମାତା ଙ୍କୁ ସମର୍ପି ଦେଇଛି । ହେଲେ ତୋତେ ମୋ ପ୍ୟାରୁ ଦୂରେଇ ମୁଁ ରହିପାରିବି ନାହିଁ । ତେଣୁ ତୁ ଭାଇ ଭଳି ହେବା କଥା ଜମା ପାଟିରେ ଧର ନା । ଆଉ ଯାହା ଇଚ୍ଛା ତୁ ହୋଇପାରିବୁ, ହେଲେ ସେନା ରେ ଭର୍ତ୍ତି ହେବା କଥା ଆଣି କହିବୁନି । ' ସୀମାରେ ଯୁଦ୍ଧ ସରିଯାଇଥଲା । ଭାରତୀୟ ସେନା ବିଜୟ ଲାଭ କରିଥିଲେ । ଶୁଭମ ଓ ମା, ସମର ର ଆସିବା ବାଟକୁ ଆତୁର ହୋଇ ଅନେଇ ବସିଥାନ୍ତି । ସବୁ ଆଶା ଓ ବିଶ୍ୱାସକୁ ନିଥର କରିଦେଇ ସମର ସ୍ଥାନରେ ଆସିଲା ତ୍ରିରଙ୍ଗାରେ ଗୁଡ଼ା ହୋଇଥିବା ସମରର ନିର୍ଜୀବ ଶରୀର । ପଚାଶ ରୁ ଉର୍ଦ୍ଧ୍ୱ ଶତ୍ରୁଙ୍କୁ ନିପାତ କରି ପରମ ବୀରତା ଓ ସାହସ ପ୍ରଦର୍ଶନ କରି ସହୀଦର ଆଖ୍ୟା ପାଇଥିଲା ସମର । ଶତ୍ରୁଙ୍କ ଛାଉଣୀ ଧ୍ୱଂସ କରିବା ସହିତ ଏକୁଟିଆ ଲଢ଼ିଥିଲା । ଯାହା ଦ୍ୱାରା ଆମର ଅନେକ ଭାରତୀୟ ସୈନ୍ୟ ମୃତ୍ୟୁମୁଖରୁ ରକ୍ଷା ପାଇଯାଇଥିଲେ । ଗଙ୍ଗୋତ୍ରୀ ଦେବୀଙ୍କ ଆଗରେ ଯେମିତି ଇତିହାସର ପୁନଃରାବୃତ୍ତି ଘଟୁଥାଏ । ସ୍ୱାମୀଙ୍କ ବିରହରେ ସେ ତ ଅଧା ମଲା ହେଇଯାଇଥିଲେ, ଆଜି ପରଠୁ ତାଙ୍କ ପାଖରେ ବଞ୍ଚିବାର ଶେଷ ଇଚ୍ଛା ଟିକକ ବି ହାତଛଡା ହୋଇଗଲା । ଲୁହ ଓ କୋହ ଯେମିତି ସ୍ଥାଣୁ ପାଲଟି ଯାଇଥିଲେ। ପୁଅର ମର ଶରୀରକୁ ଦେଖ ତାଙ୍କର କିଛି ବି ପ୍ରତିକ୍ରିୟା ନ ଥିଲା । ସମସ୍ତେ ସ୍ତମ୍ଭୀଭୁତ, ନିର୍ବାକ । ଶୁଭମ ନିରବରେ ଅଶ୍ରୁ ଗଡେଇ ଚାଲିଥାଏ । ଭାଇଙ୍କ ମୃତ୍ୟୁ ଯେ ମାଆଙ୍କୁ ଶକ୍ତ ଧକ୍କା ଦେଇଛି, ଯାହା ଫଳରେ ସେ ବାକଶୂନ୍ୟ ହୋଇପଡିଛନ୍ତି ବୋଲି ସେ ଜାଣିପାରିଛି । ମାଆ ଙ୍କ ପ୍ୟାକୁ ଧୀରେ ଯାଇ ଭାଇଙ୍କୁ ଶେଷ ସମ୍ବର୍ଦ୍ଧନା ଦେବା ପାଇଁ ଅନୁରୋଧ କରିଛି ଶୁଭମ । ପ୍ରକୃତିସ୍ଥ ହୋଇଛନ୍ତି ସେ ଶୁଭମର ହାତସ୍ପର୍ଶ ପାଇ । ତା ହାତକୁ ପାପୁଲିରେ ଧରି ଜଣେ ବୀର ରମଣୀ ଭଳି ଯାଇ ପୁଅର ମୃତଶରୀର ପାଖରେ ଛିଡା ହୋଇ ତାକୁ ସସ୍ନେହ ଆଉଁଶି ପକେଇଲେ ଗଙ୍ଗୋତ୍ରୀ । 'ମୋ ପୁଅକୁ ବିଦାୟ ଦେଲାବେଳେ ମୁଁ କାନ୍ଦିଲେ ସେ ଦୁଃଖି ହୋଇଯିବ । ସେ ଯାହା ଏ ଦେଶ ପାଇଁ କରିଛି, ତାକୁ ହସି ହସି ଗର୍ବର ସହିତ ବିଦାୟ ଦେବା ମୋର କର୍ତ୍ତବ୍ୟ । ' ତା ପରେ ଗଙ୍ଗୋତ୍ରୀ ଦେବୀ ଏମିତି କିଛି ଘୋଷଣା କଲେ, ଯାହା ସେଠାରେ ଉପସ୍ଥିତ ସମସ୍ତଙ୍କୁ ଚକିତ ଏବଂ ଶବ୍ଦଶୂନ୍ୟ କରିଦେଲା । ପୁଅର ନିର୍ଜୀବ ଶରୀର କୁ ଛୁଇଁ ସେ ଶପଥ କଲେ ଯେ ତାଙ୍କ ସାନ ପୁଅ ଶୁଭମ ମଧ୍ୟ ଦିନେ ନିଶ୍ଚୟ ତା ପିତା ଏବଂ ଭାଇ ଭଳି ଭାରତୀୟ ସେନାରେ ଯୋଗ ଦେବ । ଶୁଭମ ମାଆଙ୍କ ତେଜୋଦୀପ୍ତ ମୁଖମଣ୍ଡଳକୁ ଆଶ୍ଚର୍ଯ୍ୟର ସହିତ ଅନେଇ ଥାଏ । ମାଆଙ୍କର ଦେଶପ୍ରେମ ଦେଖି ଗର୍ବ ଏବଂ ସମ୍ମାନରେ ତା ଛାତି ଫୁଲିଯାଉଥାଏ । ସେ ସେଇଠି ମଥା ନତ କରି ଉଭୟ ଭାରତମାତା ଏବଂ ତା ମାଆ ଙ୍କୁ ପ୍ରଣାମ ଜଣାଉଥଲା ।

ମହାରଣା ସାହି, ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର - ୨
ଫୋନ - ୬୩୭୦୫୧୬୪୭୮

ସାବାସ୍ ଧରମା

ବିଜୟ କୁମାର ଛାଟୋଇ

ନରଣପୁର ଗାଁ ର ଜମିଦାର ଘରଟିଏ ଥିଲା । ଜମିଦାର ବାବୁ ନଟଦାଙ୍କୁ କିଏ ବା ନ ଜାଣେ ! ଏ ଆଖପାଖ ଅଞ୍ଚଳରେ ତାଙ୍କ ଘରର ସୁନାମ କହିଲେ ନ ସରେ । ସାତେ ପାଞ୍ଚ ହାତର ମଣିଷଟାଏ ସେ । ଦୁଇ ବାହୁଟା ମାନ କାତ ପରିକା କଳା ମଚ୍‌ମଚ୍ ଦିଶୁଥାଇ । ମୁହଁରେ ଲମ୍ବା ଲମ୍ବା ଚାଖଣ୍ଡକିଆ ଗହବା ନିଶକୁ ଯିଏ ଥରେ ଦେଖିଦିଏ ତା ପିଳେହି ପାଣି ହୋଇଯାଏ । ପିଲାମାନେ ତ ଦେଖିଦେଲେ ପ୍ୟାଣ୍ଟରେ ଭୟରେ ମୁତି ପକାନ୍ତି । ଜମିଦାର ଘରର ପୁଅ ବୋଲି ଲୋକମାନେ ଟିକିଏ ସମ୍ମାନ ଦିଅନ୍ତି । ନଚେତ୍ ଆଜିକାଲି କିଏ ବା ପଚାରେ କାହାକୁ ? ପୂରୁବପୁରୁଷରୁ ଧନ ଦଉଲତର ଅଭାବ ନାହିଁ ବୋଲି ସାଧାରଣ ଲୋକଙ୍କୁ ଚିଆର ନାହିଁ ତାଙ୍କର । ବୟସ୍କ ଲୋକଙ୍କୁ ହତାଦର ଓ ହୀନ ମନ୍ୟତା ଦେଖାଇବା ଏହା ମାନବିକତାର ବିରୋଧାରୋପ ହେଲେ ମଧ୍ୟ କେହି ଜଣିଏ ପାଟି ଖୋଲିବାକୁ ତାଙ୍କ ଆଗରେ ସତ୍ ସାହାସ କରି ନ ଥାଆନ୍ତି । ବାହୁବଳ ଓ ଧନବଳ ପାଖରେ ସବୁକିଛି ହାର ମାନିଯାଏ ବୋଲି ଲୋକେ ବିଶ୍ୱାସ କରନ୍ତି । କିନ୍ତୁ ସେହି ଗାଁ ର ସପନା ବାରିକି ପୁଅ ଧରମା ଏ ପ୍ରକାର ଲୋକ କଥାରେ ଆଦୌ ବିଶ୍ୱାସ କରୁ ନ ଥାଏ । ସେ ଜମିଦାର ବୁଢାର ଜମିଦାରୀ ପଣକୁ ଖୋଲାଖୋଲି ନିନ୍ଦା କରୁଥାଏ । ତାର ଅନ୍ୟାୟ ଅନୀତିକୁ ବିରୋଧ କରୁଥାଏ । ଏକୁଟିଆଟା ବା ଧରମା କଣ କରିବ ? ତଥାପି ଭିତରେ ଭିତରେ ଏକରୁ ଅନେକ ସଂଗ୍ରାମୀ ତିଆରି କରିବାକୁ ସେ ପ୍ରସ୍ତୁତ ଚଳାଇଥାଏ । ଏପଟେ ଲୋକେ ଭୟରେ ଜମିଦାର ବାବୁ ନଟଦାଙ୍କ ସାମନାରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ପାଟି ଖୋଲିବାକୁ ନାରାଜ । ଠିକ୍ କଥାଟିକୁ ଠିକ୍ କହିଲେ ଲୋକଙ୍କ ଉପରେ ମାଡ ବସିଯାଏ । ତେଣୁ ଜମିଦାରଙ୍କ ବେକରେ ଘଣ୍ଟି ପକାଇବା ଅତି ସହଜ ଝାମେଲା ନୁହେଁ ବୋଲି ଧରମା କଥାରେ ଅମଙ୍ଗ ହୁଅନ୍ତି । ଯାହା ସମସ୍ତଙ୍କୁ କାଠିକର ପାଠ ହୋଇପଡେ । ତାଙ୍କ ସହିତ ଥିବା ଚାମଚ୍ଚା ଦଳ ବି କମ ନୁହନ୍ତି ! ନଟଦା ପାହୁଲେ ଡେଇଁଲେ ସେମାନେ ମଧ୍ୟ ତିନି ପାହୁଲ ଡେଇଁ ପଡନ୍ତି ବୋଲି ମନେ ମନେ ଭାବନ୍ତି । ଯେପରି ହାତୀ ଲାଞ୍ଜରେ ଟିଙ୍କ । ନଟଦା ଜାଣିଶୁଣି ବହୁତ ଅନ୍ୟାୟ କରୁଥାଆନ୍ତି । ଭଗବାନ ଏଥର ତାଙ୍କୁ ଦଣ୍ଡ ଦେବେ ବୋଲି ଲୋକମାନେ କୁହାକୁହି ହୁଅନ୍ତି । ଦିନେ ଧରମାର ସତ୍ୟାଗ୍ରହ ଜୋର ଧରିଲା । ବଛାବଛା ଶିକ୍ଷିତ ଗୋଷ୍ଠୀକୁ ଏକାଠି କରି ସଫଳ ଉଦ୍ୟମ ଜାରି ରଖିଥାଏ । ତାର ମନୋବଳ ଆଗରେ ଲୋକଙ୍କ ଭୀରୁତା ହାର ମାନିଲା । ତଥାପି ସଭିଙ୍କ ମନରେ ଛନକା ଉଙ୍କି ମାରୁଥାଏ । କାଳେ ନଟଦା ଆମ ନାଁ ଶୁଣିଲେ ଆମକୁ ସାବାଡ କରିଦେବ ! ମୃତ୍ୟୁ ଦଣ୍ଡ ପାଇଁ ଆଦେଶ ଦେଇଦେବ ! ଏପରି ମାନସିକତାରେ କୋଟ୍‌ଟି ଲୋକ ପ୍ରମାଦ ଗଣୁଥାଆନ୍ତି । ଏହି ଭୟରେ ଲୋକେ ଧରମାକୁ ସାହାଯ୍ୟ କରିବା ତ ଦୂରର କଥା ତା ପାଖ ବି ମାଡୁ ନ ଥାନ୍ତି । କିନ୍ତୁ ଭିତରେ ଭିତରେ ସହଯୋଗର ହାତ ବଢାଇ ଦିଅନ୍ତି । ସମୟ ବଡ ବଳବାନ । ସମସ୍ତଙ୍କ ପାଇଁ ସବୁବେଳେ ଭାଗ୍ୟ ସୁଫଳ ଦେଇ ନ ଥାଏ । ସେହି ଦୁର୍ଭାଗ୍ୟ ରୂପି କାଳଫାଶ ନଟଦାଙ୍କ କପାଳରେ ବସା ବାନ୍ଧିଲା । ଲୋକେ ତାଙ୍କୁ ଦେଖିଲେଡରିମରିଏଣେତେଣେ ଦଉଡନ୍ତି । ଏବେ ତାଙ୍କୁ ଦେଖିଲେ ଅଣ ଆଦରେ କେହି ବି ଜଣିଏ ଯାଉନାହାନ୍ତି । କଥାପଦେ ବି କହୁନାହାନ୍ତି । ବଳ ବୟସ ସବୁ କମି କମି ଗଲାଣି । ତା ସାଙ୍ଗକୁ ଧରମାର ସତ୍ୟାଗ୍ରହ ଧମାକା । ତେଣୁ ନଟଦା ଏଥର ନିରୁପାୟ । ପ୍ରଜାମେଳି ଆଗରେ ହାର ବା କିଏ ମାନିନି । ଏହା ତ ଈଶ୍ୱରଙ୍କ ବିଧାନ । ବାସ୍ତବରେ ଧରମା ଦେବତା ରୂପି ଥିଲା । ନଟଦାଙ୍କୁ ଖାତିର ନ କରି ସତ୍ୟ ପଥରେ ଅଗ୍ରସର ହେଲା । ଜନ ସମୂହ କୁ ଏକାଠି କରି ଜମିଦାର ବାବୁଙ୍କ ଅମାନବିକତାକୁ ପଦାରେ ପକାଇଲା । ଠାବେଠାବେ ହରତାଳ ସୃଷ୍ଟି କରି ଜନ ଜାଗରଣ ମଞ୍ଚର ଆୟୋଜନ କଲା ଏବଂ ସେଥିରେ ବୀର ଓ ଦେଶଭକ୍ତଙ୍କ ଅମରାବଳୀକୁ ସାଉଁଟି ଲୋକଙ୍କ ଭିତରେ ଥିବା ପାରିବା ପଣିଆକୁ ଜାଗ୍ରତ କରାଇଲା । ଲୋକେ ଏଥର ପାରିବାର ହୋଇଗଲେ । ମନରେ ଆଉ ରହିଲାନି ଭୀରୁତା ଓ କାପୁରୁଷତା । ସମସ୍ତେ ଏକ ପ୍ରକାର ସ୍ୱର ଉତ୍ତୋଳନ କରିବା ଆରମ୍ଭ କରିଦେଲେ । ମୁକୁଳା ପଡିଥିବା ଘାସ ଏକାଠି ହୋଇ ଯେପରି ରଜୁଟିଏ ତିଆରି ହୋଇଯାଏ । ସେପରି ଗାଁ ଲୋକଙ୍କ ମେଳିରେ ଜମିଦାର ବାବୁ ନଟଦାଙ୍କର ଅକଳ ଗୁଡୁମ୍ ହୋଇଗଲା । ପରିଶେଷରେ ନଟଦା ନିସାହାରା ହୋଇ ଧରମାକୁ ବାହାବା କରି ହାତ ଯୋଡୁଥାନ୍ତି ॥

ମହୁରା, ପୁରୀ
ମୋ-୭୮୫୨୯୭୨୧୨୦

କାହିଁକି କବିତା ଲେଖୁଛୁ

ନିରଞ୍ଜନ ସାହୁ

ସତକଥା ନେଇ କବିତା ଲେଖିଲେ
ସଭିଏଁ କହନ୍ତି ମରିଲୁ
ତେଲ ବୋଳିବାଳି କବିତା ଲେଖିଲେ
ସର୍ବ କହୁଛନ୍ତି ତରିଲୁ ।
ଅଜବ ଦୁନିଆ ଗଜବ ଲାଗଇ
କଥା ଗୋଟେ କାମ ଗୋଟେ
ସାପ ମରିବନି ବାଡ଼ି ଭାଙ୍ଗିବନି
ଅନେକ ଘୋଟଲା ଘୋଟେ
ତେରଛା ବାଣଟେ ମାରିକି ଲେଖିଲେ
ଚାରି ପାଞ୍ଚିରୁ ତୁ ସରିଲୁ ।
ମଉକା ଦେଖିକି ଚଉକା ମାରିବେ
ବର୍ଷା ଆଡେ ଥିବ ଛତା
ଭାଷଣ ମାରିବେ ଶୋଷଣ କରିବେ
କାମରେ ନ ମିଳେ ପତା
ଦୋଷକୁ ଛାଡିଲେ ପ୍ରଶଂସା ବାଢ଼ିଲେ
ପକେଟ ଭଲକି ଭରିଲୁ ।
କଲମରେ ତୁହି ବଲମ ନ ହୋଇ
ମଲମ କଥା ନ ଭାଳି
ହେଉ ଯାହା ନଷ୍ଟ ଦେବୁନାହିଁ କଷ୍ଟ
ଅପ୍ରିୟ କଥାକୁ ଗାଳି
ଚଳିଗଲେ ଗଲା କି ମିଳିବ ଭଲା
ସୁବିଧା ବାଟଟା ଧରିଲୁ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ : ୭୫୯୦୧୬
ମୋ : ୯୯୩୮୭୪୧୫୮୩

ସନ

ମୋ ଓଡ଼ିଶା

ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦ

ସମ୍ବାଦ କୌଣସି ଘଟଣା, ଅଘଟଣ, ବିବରଣୀ । ସିଏ ଜୀବନକୁ, ଜଗତକୁ, ଅର୍ଥାତ ମୋହାସକ୍ତ ହୁଏ ନାହିଁ । ସାମ୍ବାଦିକତାର ଚାବୁକରେ ଆଘାତ ସେମାନଙ୍କ ଛଦ୍ମମୁଖାକୁ ଖୋଲିଦିଏ । ଯାହାର ଲକ୍ଷ୍ୟ ହୁଏ ସମାଜ ଓ ରାଷ୍ଟ୍ରର ସାମ୍ବାଦିକ, ତାହାଙ୍କର ସମ୍ବାଦ ଜନଗଣଙ୍କର ପ୍ରେରଣାର ମାଧ୍ୟମ । ବ୍ୟକ୍ତିବିଶେଷଙ୍କର ମହତ୍‌ଗୁଣର ଅନ୍ୟ କୌଣସି ସମାଜବିରୋଧୀ ମାନବ ଉପଲବ୍ଧ କରନ୍ତି । ସବୁ ଯୁଗରେ ସମ୍ବାଦ କେତେବେଳେ ଲିଖିତ । ପ୍ରାଚୀନ ଯୁଗରେ ସମ୍ବାଦ ଏକ ବୃତି ନଥିଲା, ନଥିଲା ମଧ୍ୟ ଏକ ଜୀବିକା । ବର୍ତମାନ ସମୟରେ ସମ୍ବାଦ ସାମ୍ବାଦିକତା ଏକ ବୃତି,ଏକ ଜୀବିକା । ସମ୍ବାଦପତ୍ର ଏହାର ଆଧାର । ସାମ୍ବାଦିକର ଧର୍ମ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା, ନୈତିକ ମୂଲ୍ୟବୋଧର ଜାଗରଣ । ତେଣୁ ସେ ବିବେକବାନ । ସତ୍ୟର ଉପାସ୍ୟ । ମିଥ୍ୟାକୁ ପ୍ରଶ୍ରୟ ଦିଏ ନାହିଁ । ଅଧର୍ମକୁ ବରଦାସ୍ତ କରେ ନାହିଁ । ନୈତିକ ମୂଲ୍ୟବୋଧ ଜାଗରଣର ଅଗ୍ରଦୂତ ସାମ୍ବାଦିକ । ନାରଦ ଏହିପରି ଜଣେ ସାମ୍ବାଦିକ । ନାରାୟଣ ନାରାୟଣ... ଉଦ୍‌ଘୋଷ କରି ଯିଏ ତିନିଲୋକ ଭ୍ରମଣ କରନ୍ତି ସେହି ନାରଦ ଏକ ବ୍ୟକ୍ତି ନୁହଁନ୍ତି,ଏକ ଅନୁଷ୍ଠାନ । ବିଶ୍ୱରେ ସମ୍ବାଦ ତାଙ୍କର କାର୍ଯ୍ୟ । ଲୋକକଲ୍ୟାଣ ତାଙ୍କର ଲକ୍ଷ୍ୟ । ଈଶ୍ୱରଭକ୍ତି ତାଙ୍କର ମାର୍ଗ । ଏଥିପାଇଁ ନାରଦଙ୍କୁ ଯେଉଁଠି ଯେଉଁ ସମୟରେ ଖୋଜିବ ସେଇଠି ମିଳିବେ । ସ୍ୱର୍ଗ, ମତ୍ୟ, ଆକାଶ ପାତାଳ ସବୁଠି ତାଙ୍କର ଅଗାଧ ପ୍ରବେଶ । ନାରଦଙ୍କ ପାଇଁ କୌଣସି ସ୍ଥାନ ଦୁର୍ଗମ ନୁହେଁ କି ଅଗମ୍ୟ ନୁହେଁ । ସେ ଦେବତାଙ୍କ ନିକଟକୁ ଆସନ୍ତି ଦାନବଙ୍କ ନିକଟକୁ ମଧ୍ୟ ଯାଆନ୍ତି । ସମସ୍ତଙ୍କ ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ । ସମସ୍ତେ ତାଙ୍କୁ ସ୍ୱାଗତ କରନ୍ତି । ସମସ୍ତେ ତାଙ୍କୁ ପୂଜା କରନ୍ତି । ପରୋପକାର ନାରଦଙ୍କର ବୃତି । ଏହା ତାଙ୍କର ଜୀବନ ଧେୟ ଅଟେ । ବାସ୍ତବରେ ନାରଦ ଆଦର୍ଶ ସମ୍ବାଦର ସୂତ୍ରଧର ଅଟନ୍ତି । ତେଣୁ ତାଙ୍କୁ ଆଦ୍ୟ ସାମ୍ବାଦିକ କହନ୍ତି । ଶାସ୍ତ୍ର ଅନୁସାରେ ଯେତେବେଳେ ଭଗବାନ ଯୋଗନିଦ୍ରାରୁ ଜାଗ୍ରତ ହେଲେ ତାଙ୍କର ନିଃଶ୍ୱାସରୁ ମରୀଚ ଆଦି ଋଷିମାନଙ୍କ ସହିତ ନାରଦ ମଧ୍ୟ ପ୍ରକଟ ହୋଇଥିଲେ । ତାଙ୍କୁ ଦଶକନ୍ୟା ଏବଂ ରାଜା ପରେମେଷ୍ଠିଙ୍କ ପୁତ୍ର କୁହଁନ୍ତି । କେତେକ ପୁରାଣରେ ତାଙ୍କୁ ବ୍ରହ୍ମାଙ୍କର ମାନସପୂତ୍ର ରୂପରେ ବର୍ଣ୍ଣନା କରାଯାଇଛି । ନାରଦଙ୍କ ଜନ୍ମ ବିଷୟରେ ଅନେକ ଲୋକକଥା ପ୍ରଚଳିତ ଅଛି । ସେ ଅଳ୍ପ ସମୟ ମଧ୍ୟରେ ସବୁ ଶାସ୍ତ୍ରର ଅଧ୍ୟୟନ କରିଥିଲେ । ସେ ବୃହସ୍ପତିଙ୍କ ନିକଟରୁ ବେଦ ବେଦାନ୍ତ ଶିକ୍ଷା କରିଥିଲେ । ସନତକୁମାର ତାଙ୍କୁ ବ୍ରହ୍ମ ଜ୍ଞାନ ଶିକ୍ଷାଦେଇଥିଲେ । ବ୍ରହ୍ମଦେବଙ୍କଠାରୁ ବିଷ୍ଣୁ ମନ୍ତ୍ର ଏବଂ ଗନ୍ଧର୍ବଙ୍କ ନିକଟରୁ ସଂଗୀତ ବିଦ୍ୟା ଶିକ୍ଷା କରିଥିଲେ । ସେ ଥିଲେ ସୂଚନା ବିଦ୍ୟାର ଅଧିକାରୀ । ନାରଦଙ୍କର ସରସ୍ୱତୀ ତଟରେ ଏକ ଆଶ୍ରମ ଥିଲା । ସେ ଆଶ୍ରମରେ କମ୍ ରହୁଥିଲେ ବେଶୀ ଭ୍ରମଣ କରୁଥିଲେ । ସେ ନାରଦ ଭକ୍ତିସୂତ୍ର, ନାରଦ ସ୍ତୁତି, ନାରଦ ପଂଚରାତ୍ର, ନାରଦୋପନିଷଦ, ସଙ୍ଗୀତ ମକରନ୍ଦ, ରାଗ ନିରୁପଣ, ପଂଚମ ସାର ସଂହିତା, ଦତନାରଦ ସମ୍ବାଦ ଆଦି ଗ୍ରନ୍ଥ ରଚନା କରିଛନ୍ତି । ଭକ୍ତିରସ ବିଷୟ ଉପରେ ତାଙ୍କର ବହୁତ ଦଖଲ ଥିଲା । ସ୍ୱୟଂ ମହାନ ଭକ୍ତ ଥିଲେ । ଆଜନ୍ମ ଭକ୍ତିରସର ପ୍ରଚାର ପ୍ରସାର କରିଥିଲେ । ତେଣୁକରି ତାଙ୍କର ଭକ୍ତିସୂତ୍ର ଆତ୍ମାନୁଭୂତିରୂପ ଅମୃତ ଅଟେ । ନାରଦ ଭକ୍ତିସୂତ୍ର ଏକ ଅଲୌକିକ ଗ୍ରନ୍ଥ ଅଟେ । ତାଙ୍କର ଭକ୍ତି ବିଷୟ ସର୍ବଶ୍ରେଷ୍ଠ ଗ୍ରନ୍ଥ । ସେଥିରେ ନବଜୀବନ ଦେବାର ସାମର୍ଥ୍ୟ ରହିଛି । ଏଥିରେ ଭକ୍ତଙ୍କର ଲକ୍ଷଣ ଓ ପ୍ରକାରଭେଦ ସମ୍ପର୍କରେ ମଧ୍ୟ ଉଲ୍ଲେଖ ଅଛି । ଏହି କଳ୍ପନା ମଧ୍ୟରେ ନାରଦ ଅଜର ଓ ଅମର । ସେ ସବୁଆଡେ ଭ୍ରମଣକରି ଭକ୍ତିମାର୍ଗର ପ୍ରଚାର ପ୍ରସାର କରିଥିଲେ । ତାଙ୍କ ବୀଣାର ଝଙ୍କାର ତଥା ନାରାୟଣ ନାରାୟଣର ଉଦ୍‌ଘୋଷ ଆଜି ବିଶ୍ୱ ବ୍ରହ୍ମାଣ୍ଡର ଚାରିଆଡେ ଶୁଣିବାକୁ ମିଳୁଛି । ନାରଦ ହେଉଛନ୍ତି ବିଶ୍ୱ ସାମ୍ବାଦିକତା ବା ୟୁନିଭର୍ସାଲ ଜର୍ଣ୍ଣାଲିଜିମ୍‌ର ପୃଷ୍ଠପୋଷକ । ସେ ଥିଲେ ସତ୍ୟନିଷ୍ଠ ଓ ସାରା ବିଶ୍ୱକୁ ସମ୍ଭାଳି ରଖିବାର ଧର୍ମ ଆଧାରିତ ସାମ୍ବାଦିକତାର ପରିଚୟ । ସତ୍ୟର ଭିତିଭୂମି ଉପରେ କୁସଂସ୍କାରକୁ ଦୂର କରି ସମାଜକୁ ସୁପୁଷ୍ଟ କରିବା ପାଇଁ ଏକନିଷ୍ଠ ଉଦ୍ୟମ ସାମ୍ବାଦିକତାର ଧର୍ମ ହେବା ଉଚିତ୍ । ପୂର୍ବକାଳରେ ମହାନ ବ୍ୟକ୍ତିମାନେ ସାମ୍ବାଦିକତା ଜରିଆରେ ସମାଜ ଓ ଜନଗଣରେ ସଚେତନତା ସୃଷ୍ଟିପାଇଁ ଉଦ୍ୟମ କରୁଥିଲେ । ମାତ୍ର ବର୍ତମାନ ସାମ୍ବାଦିକତା ଏକ ବୃତି ପାଲଟି ଯାଇଛି । ତେବେ ଏହା ଏଭଳି ବୃତି ହେବା ଦରକାର ଯାଦ୍ୱାରା ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭଳି କାମ କରିପାରିବ । ଜନଗଣର ସ୍ୱର ଏଥିରେ ପ୍ରତିଫଳିତ ହେବାର ଆବଶ୍ୟକତା ରହିଛି । ସତ୍ୟ କହିବାର ଶକ୍ତି ହରାଇ ବସିଲେ ସାମ୍ବାଦିକଙ୍କୁ କେହି ନାରଦଙ୍କ ପରବର୍ତୀ ପୀଢି ବୋଲି କହିପାରିବେ ନାହିଁ । ଆଜିର ସାମ୍ବାଦିକମାନେ କ'ଣ ନାରଦଙ୍କ ସାମ୍ବାଦିକ ଗୁଣକୁ ଉପଲବ୍ଧି କରିପାରିବେ ନାହିଁ ।

ଗୋଲଖ ଚନ୍ଦ୍ର ଦାସ, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩

'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ

କୋଣାର୍କ (ପିଏନ୍): ବିଶ୍ୱ ଐତିହ୍ୟ କୋଣାର୍କକୁ ସଂଯୋଗ କରୁଥିବା କୋଣାର୍କ-ପିପିଲି ମୁଖ୍ୟ ରାସ୍ତାଜର ଦୁର୍ଘଟଣା ରୋକିବା ପାଇଁ ମାଧିପୁର ଛକ ଓ କଲେଜ ଛକରେ ୪ଟି ବଡ ବଡ ହମ୍ପସ ରାଜପଥ ବିଭାଗ ପକ୍ଷରୁ କରାଯାଇଛି । ଏହି ଜାତୀୟ ରାଜପଥରେ ହମ୍ପସ ଅଛି ବୋଲି କୌଣସି ସୂଚନା ନଥିବାରୁ ପ୍ରତେକ ଦିନ ଦୁର୍ଘଟଣାମାନ ଘଟି ଧନ ଜୀବନ ମଧ୍ୟ ଗଲାଣି । ଏହି ହମ୍ପସ ଦୁର୍ଘଟଣା ରୋକିବା ପରିବର୍ତ୍ତେ ହମ୍ପସ ପାଇଁ ପ୍ରତ୍ୟେକ ଦିନ ଦୁର୍ଘଟଣା ବଢିଚାଲୁଛି । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହି ସମସ୍ୟା ଦୂର କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି । ମାଧିପୁର ଛକ ଓ କଲେଜ ଛକରେ ଥିବା ୪ଟି ହମ୍ପସରେ ୨୦ଟି ରେଡିୟମ ଲଗାଇଛନ୍ତି 'କୋଣାର୍କ ପରିବାର'ର ସଦସ୍ୟମାନେ । ଫଳରେ ରାତ୍ର ସମୟରେ ଅନେକାଂଶରେ ଦୁର୍ଘଟଣାକୁ ରୋକାଯାଇ ପାରିଛି । ଏହି ମହନୀୟ କାର୍ଯ୍ୟରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ୩ନମ୍ବର ୱାର୍ଡର କାଉନସିଲର ସମୟରଞ୍ଜନ ସାହୁ, ସାମ୍ବାଦିକ ଅବନୀଭୂଷଣ ବାରିକ, ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ର, ଉପସଭାପତି ସୁଭାଶିଷ ଦାଶ, ସମ୍ପାଦକ ଅନିଲ ସ୍ୱାଇଁ, କୋଷାଧକ୍ଷ ସତ୍ୟଜିତ ସାହୁ, ପ୍ରତାପ ଜେନା, ବଳରାମ ପାତ୍ର, ସତ୍ୟବ୍ରତ ନାୟକ, ଅଭିଜିତ ଦାସ ସୁଶ୍ରୀ ସମ୍ଭାବନା ପଣ୍ଡା, ଦେବଶକ୍ତି ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ହମ୍ପସରେ ରେଡିଏମ ଲଗାଇଥିଲେ । 'କୋଣାର୍କ ପରିବାର'ର ସ୍ୱେଚ୍ଛାସେବୀ ସଦସ୍ୟମାନେ ନିଜ ପକେଟ ଖର୍ଚ୍ଚରୁ ସ□ିତ ଅର୍ଥରେ ଏହି କାର୍ଯ୍ୟ କରିଛନ୍ତି । ସ୍ୱେଚ୍ଛାସେବୀମାନଙ୍କର ଏଭଳି ସେବା ମନୋବୃତିକୁ ଦେଖି ଲୋକେ ଭୂୟୀୟସୀ ପ୍ରଶଂସା କରୁଛନ୍ତି ।

ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ସମାରୋହ

କୋଣାର୍କ (ପିଏନ୍): ଗତ ରବିବାର ସନ୍ଧ୍ୟାରେ କୋଣାର୍କ ନିକଟସ୍ଥ କିଙ୍ଗସ କୋକୋ ଇକୋ ରିସୋଟ ପରିସରରେ କୋଣାର୍କ ଜ୍ଞାନ ମଂଚ ପକ୍ଷରୁ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ । ଶୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଭାତରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର ଡ. ହରମୋହନ ମିଶ୍ର, ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଓ ଗୋପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଖଟୋଇ ପ୍ରମୁଖ ମ□ାସିନ ହୋଇ ଅଦ୍ୱିତ ବେଦାନ୍ତ, ବ୍ରହ୍ମସୂତ୍ର ଓ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଫେସର ଡ. ମିନତୀ ମିଶ୍ର ଭଜଗୋବିନ୍ଦମ୍ ଗାନ କରିଥିବା ବେଳେ ଐତିହାସିକ ଗବେଷକ ସଞ୍ଜୟ ବରାଳ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜନୈତିକ ପଶାପାଲିରେ ଲିଙ୍ଗିପୁର ଗ୍ରାମପଂଚାୟତ

ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତକୁ ଉନ୍ନତ କରିବା ବଦଳରେ ବିଡିଓ ମହାଶୟ କିପରି ଭାବେ ୨୬ଟି ୱାର୍ଡକୁ ଗୋଟିଏ ପିଇଓ ବଦଳୀ କରି ଦାୟିତ୍ୱ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୭ରୁ ଶିଶୁପାଳ ଗ୍ରାମପଂଚାୟତଠାରୁ ଲିଙ୍ଗିପୁର ଗ୍ରାମପଂଚାୟତ ଅଲଗା ହୋଇଛି । ଏହାର ୧୩ ଗୋଟି ୱାର୍ଡ ରହିଅଛି । ଶିଶୁପାଳଗଡର ବି ୧୩ଟି ୱାର୍ଡ ରହିଅଛି । ଜଣେ ପିଇଓ ୨ଟି ଦୁଇଟି ଦାୟିତ୍ୱରେ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ନିଶ୍ଚିତ ଭାବରେ ବାଧାପ୍ରାପ୍ତ ହେବ । ଏହାକୁ ଦିଗହରା କରିବା ପାଇଁ ଷଡଯନ୍ତ୍ର ଓ ବଦଳୀରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୋଇଛି । କାହା ସ୍ୱାର୍ଥରେ ଏବଂ କେଉଁ ନିୟମ ବଳରେ ଏଭଳି ପଦକ୍ଷେପ । ପଂଚାୟତ ଗୁଡିକରେ ସମସ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ ଗତ ୪ ମେ' ୨୦୨୨ ଦିନ ଭୁବନେଶ୍ୱର ବିଡିଓ ତାଙ୍କର ବଦଳୀ ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳୀ କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତ ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି । ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି ? ରାଜ୍ୟ ସରକାର ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧା ସୁଯୋଗ ଦେବା ପାଇଁ ଅପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ । ଗ୍ରାମ ପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯେଉଁଭଳି ଭାବେ ସମାଧାନ ହୋଇପାରିବ ସେଥିପ୍ରତି ବୋଧେ ବିଡିଓ ମହାଶୟଙ୍କ ଭୃକ୍ଷେପ ନାହିଁ । ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂହଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ । ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା ୧୧୮୧୮/SCS, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳୀ ଆଦେଶ କିନ୍ତୁ ଆଶ୍ଚର୍ଯ୍ୟର କଥା ସେହିଦିନ(PEO) ପଂଚାୟତ ଏକ୍ୟୁଜିକୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି । କି ସଂଯୋଗ କଣ ଉଦ୍ଦେଶ୍ୟ ? କାହା ସ୍ୱାର୍ଥରେ PEOମାନଙ୍କ ବଦଳୀ ଏକାଦିନେ । ଏହି ବଦଳୀ ଆଦେଶ ୦୪.୦୫.୨୨ରେ ସମସ୍ତ PEOଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନିଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳୀ ହୋଇଥିବା ଯାଗାରେ ଯୋଗଦାନ କରିବେ । ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳୀ ତାଲିକାକୁ କେନ୍‌ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି । ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ୍ୟ ତଦନ୍ତସାପେକ୍ଷ । ଏହି ଅକ୍ଷମଣୀୟ କାର୍ଯ୍ୟାନୁଷ୍ଠାରେ ଦାୟିତ୍ୱହୀନତା କାରଣରୁ କାହିଁକି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ? ଏ ଦିଗରେ ପଂଚାୟତିରାଜ ବିଭାଗ ସମସ୍ତ ଘଟଣାକୁ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଜନସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ଲିଙ୍ଗିପୁର ପଂଚାୟତରେ ଅଲଗା ଭାବେ ପିଇଓ ଅବସ୍ଥାପିତ କରାଯାଉ । ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍‌ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ ।

ରାଜ୍ୟର ୧୪ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିରକ୍ଷା କରିବାରେ ରାଜ୍ୟ ସରକାରଙ୍କ ଅବହେଳା

ଭୁବନେଶ୍ୱର (ପିଏନ୍)-ଓଡ଼ିଶାର ଗର୍ବ ଓ ଗୌରବ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ବରିଷ୍ଠ ଜନନେତା ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୭ମ ଶ୍ରାଦ୍ଧ ଉତ୍ସବ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଲେ ଯେ ଜାନକୀବାବୁଙ୍କ ୧୪ ବର୍ଷ ଶାସନ କାଳରେ ଓଡ଼ିଶାର ବିକାଶର ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଜାନକୀବାବୁଙ୍କ ଶାସନ କାଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ଯେଉଁ ବିକାଶ ହୋଇଥିଲା ଆଜିର ଯୁବ ପିଢ଼ି ପାଖରେ ସେ ବାର୍ତା ପହଂଚାଇବାର ଆବଶ୍ୟକତା ରହିଛି । ଓଡ଼ିଆ ଯୁବକମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ସେ ହୋଟେଲକୁ ଶିଳ୍ପର ମାନ୍ୟତା ଦେଇଥିଲେ । କୃଷିର ବିକାଶ ପାଇଁ ଜଳସେଚନକୁ ଅଗ୍ରାଧିକାର ଦିଆଯାଇଥିଲା । କିନ୍ତୁ ରାଜ୍ୟ ସରକାର ଏଭଳି ଜଣେ ଦୂରଦୃଷ୍ଟିସଂପନ୍ନ ଜନନେତାଙ୍କ ସ୍ମୃତିରକ୍ଷା କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି, ଯାହା ଅତ୍ୟନ୍ତ କ୍ଷୋଭର ବିଷୟ । ସ୍ମୃତିଚାରଣ କରି ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ କହିଲେ ଯେ କୃଷକମାନଙ୍କ ପାଇଁ ୧୧ଟି ଚିନିକଳ, ୪୬ଟି ଶୀତଳ ଭଣ୍ଡାର ଓ ୯ଟି ସ୍ପିନିଙ୍ଗ ମିଲ ପ୍ରତିଷ୍ଠା ଜାନକୀବାବୁଙ୍କ ଶାସନ କାଳରେ କରାଯାଇଥିଲା । ତାହା ଏ ସରକାର ସମୟରେ ଇତିହାସ ହୋଇଯାଇଛି । କଂଗ୍ରେସ ସେବାଦଳର ରାଜ୍ୟ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣରେ କହିଲେ କଂଗ୍ରେସ ଭବନ ସମ୍ମୁଖରେ ସ୍ୱର୍ଗତଃ ଜାନକୀବାବୁଙ୍କର ଏକ ପ୍ରତିମୂର୍ତି ସ୍ଥାପନ ପାଇଁ ଆମେ ଦୀର୍ଘ ୭ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବୀ କରି ଆସୁଛୁ କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଲା ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଶେଷରେ ସାଧାରଣ ସଂପାଦକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ମନୋରଂଜନ ଦାଶ, ମୁଖପାତ୍ର ରଜନୀ ମହାନ୍ତି, କଂଗ୍ରେସ ନେତା ପ୍ରକାଶ ମିଶ୍ର, ସତ୍ୟସ୍ମିତ ମହାନ୍ତି, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ସୁଭାଷ ପ୍ରଧାନ,

ମୋ ସହର

ଭାଷା ପ୍ରତି ଗର୍ବ ନରହିଲେ ଭାଷାର ଉନ୍ନତି ହେବନାହିଁ

ଭୁବନେଶ୍ୱର,(ପି.ଏନ): ଉତ୍କଳ ସମ୍ମିଳନୀ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗା ପୂଜା ମଣ୍ଡପ ସଭା ଗୃହରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି । ପ୍ରଥମେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ବୈଠକ ଆରମ୍ଭ ହୋଇଥିଲା । ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସାମ୍ବାଦିକ ତଥା ସମାଜ ଓ ସଂସ୍କୃତି ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ଅମିତାଭ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷା ଓ ଜାତି ପ୍ରତି ଗର୍ବ ନରହିଲେ ସେହି ଭାଷା ଓ ସେହି ଜାତିର ଉନ୍ନତି ହେବ ନାହିଁ ବୋଲି କହିଥିଲେ । ନିଜ ମାତୃଭାଷା ପ୍ରତି ପ୍ରତେକ ଓଡିଆଙ୍କର ଆବେଗ ରହିବା ଆବଶ୍ୟକ । ମୁଖ୍ୟବକ୍ତା ଭାବେ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ କୁମାର ପୃଷ୍ଟି ଯୋଗ ଦେଇ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତାର ଇତିହାସ ଓ ବର୍ତ୍ତମାନ ଉପରେ ଆଲୋକପାତ କରିଥିଲେ । ଡ. ପୃଷ୍ଟି ଭାଷାକୁ ଭାତ ସହିତ ଯୋଡିଲେ ଭାଷାର ଉନ୍ନତି ହେବ, ମାନେ ଓଡିଆ ଭାଷାକୁ ରୋଜଗାରିଆ ଭାଷା କରିବା ଆବଶ୍ୟକ ବୋଲି କହିଥିଲେ । ଏହି ବୈଠକରେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଅତିଥୀ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଆଜିର ଦିବସ ସମ୍ପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନିମାଇଁ ଦାସ, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ ଜେଠୀ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ପ୍ରସନ୍ନ ରଥ, ମହେଶ୍ୱର ବିଶ୍ୱାଳ, ଅମରକବୀ ଶତପଥୀ, ପ୍ରତାପ ନନ୍ଦ, ଡ. କୁମୁଦ ମିଶ୍ର, ଇଂ. ନଳିନୀ ମହାନ୍ତି, ସୁଚିସ୍ମିତା ବଡଜେନା, ରାମ ଚନ୍ଦ୍ର ସାମଲ, ଗିରିଜା ପ୍ରସାଦ ମହାନ୍ତି, ସମରନ ମହାନ୍ତି, ନିରନ ପାତ୍ର, ବାସନ୍ତି ତ୍ରିପାଠୀ, ଦାମୋଦର ଶତପଥୀ, ନବୀନ କିଶୋର ଭୁକ୍ତା, ଦିପ୍ତିମୟୀ ନାୟକ ଆଦି ବହୁ ସଦସ୍ୟ ସଦସ୍ୟା ଓଡିଆ ଭାଷାର ଉନ୍ନତି ପାଇଁ ଭିନ୍ନ ଭିନ୍ନ ପ୍ରସ୍ତାବ ମାନ ଦେଇଥିଲେ । ଶେଷରେ ଶଶି ଭୁଷଣ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

ଗୁଳନଗର ପଞ୍ଚାୟତରେ ଭାଗବତ ପାରାୟଣ ଓ ଦୋଳ ମହୋତ୍ସବ

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଳନଗର ଗ୍ରାମର ବୁଢାଗୋବିନ୍ଦଜୀଉ ମନ୍ଦିର ପରିସରରେ ମାର୍ଚ୍ଚ ୧ ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ରାଧାଗୋବିନ୍ଦଜୀଉଙ୍କ ନିକଟରେ ନୂତନ ପାଞ୍ଜିକା ପଠନ କରାଯିବା ପରେ ଶ୍ରୀମଦ୍ ଭଗବତ ଗୀତା ଘୃତଯଜ୍ଞ କରାଯାଇ ପାରାୟଣ ଉଦ୍‌ଯାପନ କରାଯାଇଥିଲା । ଏହାପରେ ଦୋଳପୂର୍ଣ୍ଣିମାଠାରୁ ପାଞ୍ଚଦିନ ପର୍ଯ୍ୟନ୍ତ ସୁସଜ୍ଜିତ ଦୋଳ ବିମାନରେ ରାଧା ଗୋବିନ୍ଦଙ୍କୁ ବିଜେ କରାଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରାଯିବା ସହ ଭୋଗଲାଗି କରାଯାଇ ପବିତ୍ର ଦୋଳ ମହୋତ୍ସବ ପାଳନ କରାଯାଉଛି । ଏହି ଭାଗବତ ପାରାୟଣ, ଘୃତଯଜ୍ଞ ଓ ଦୋଳମହୋତ୍ସବରେ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଗୁରୁବାର ଦିନ ବୁଢାଗୋବିନ୍ଦଜୀଉ ମନ୍ଦିର ପରିସରରେ ଦୋଳ ମେଳଣ ଅନୁଷ୍ଠିତ ହୋଯାଇଛି । ଏଥିରେ ବିଭିନ୍ନ ଗ୍ରାମରୁ ୧୨ଟି ଦୋଳ ବିମାନ ସୁ ସଜ୍ଜିତ ବିମାନରେ ଆସି ମନ୍ଦିର ପରିସରରେ ଏକାଠି ହୋଇଥିଲେ । ସମସ୍ତେ ଭୋଗଲାଗି ହେବାପରେ ନିଜନିଜ ଅଞ୍ଚଳକୁ ଚାଲିଯାଇଥିଲେ ।

ମୁକୁଳା ଟ୍ରାନ୍ସଫର୍ମର : ବିପଦରେ ଛାତ୍ର, ଛାତ୍ରୀ

ଚମ୍ପୁଆ, (ପି.ଏନ): ଉପାନ୍ତ ଚମ୍ପୁଆ ବ୍ଲକ, ସୁନାପଶି ପଂଚାୟତ ଅନ୍ତର୍ଗତ ଇନ୍ଦ୍ରପ୍ରସ୍ଥ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ମୁକୁଳା ଭାବରେ ରହିଛି ଏକ ଟ୍ରାନ୍ସଫର୍ମର କ୍ଷ ଯେଉଁଥିରେ ସୁରକ୍ଷା ବାଡ଼ ନାହିଁ କି କଟଆଉଟ ମଧ୍ୟ ନାହିଁ କ୍ଷ ଟ୍ରାନ୍ସଫର୍ମରଟି ବିଦ୍ୟାଳୟ ନିକଟ ରାସ୍ତା କଡରେ ଥିବାବେଳେ ଏହି ରାସ୍ତାରେ ଛୋଟ ଛୋଟ ନାବାଳକ ଛାତ୍ର, ଛାତ୍ରୀ ଦୈନିକ ବିଦ୍ୟାଳୟକୁ ଯିବାଆସିବା କରୁଛନ୍ତି । ଫଳରେ ଭବିଷ୍ୟତରେ ଯେ ଏକ ବଡ଼ ଧରଣର ଅଘଟଣ ନ ଘଟିବ ତାହା କିଏ କହିବ । ଟ୍ରାନ୍ସଫର୍ମରଟି ବିନା କଟଆଉଟରେ ମୁକୁଳା ଭାବରେ ପଡ଼ିରହିଥିଲେ ମଧ୍ୟ

ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୨୦୦୪ ବ୍ୟାଚ୍ ବନ୍ଧୁମିଳନ

ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୨୦୦୪ ବ୍ୟାଚ୍‌ର ବନ୍ଧୁ ମିଳନ ପାରାଦୀପ ଗଲ୍ଫ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନ ପରେ ପୁରୁଣା ବନ୍ଧୁମାନେ ଏକତ୍ରିତ ହୋଇ ବିଗତ ଦିନର ସ୍ମୃତି ଚାରଣ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ସଚିତ୍ର ରାଉତ,ମନୋଜ ସୂତାର,ନିହାର ଦାସ,ଅରବିନ୍ଦ ନାୟକ,ସୁଚିସ୍ମିତା ଜେନା,ତପସ୍ୱିନୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ସମେତ ବ୍ୟାଚ୍‌ର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ପ୍ରଭାସ ସ୍ୱାଇଁ, ସନ୍ୟାସୀ ସ୍ୱାଇଁ, ଜ୍ୟୋତିମୟୀ ଜେନା, ରଂଜନ ସେଟି, ମଳୟ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ।

ଫୁଲବାଣୀରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ସଦସ୍ୟାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ଭାବେ ମନୋନୀତ ସଭ୍ୟ ସଭ୍ୟାମାନଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ସ୍ଥାନୀୟ କରୋନେସନ ପଡ଼ିଆ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମାନନୀୟ ଉପଦେଷ୍ଟା ପ୍ରଦୀପ ମାଝି ଏହି ସମ୍ବର୍ଦ୍ଧନା ସଭାରେ ଯୋଗଦେଇ କହିଲେ, ନୂତନ ଭାବେ ମନୋନୀତ ସଭ୍ୟସଭ୍ୟାମାନେ ଜାଗ୍ରତ ପ୍ରହରୀଭାବେ ଆଦିବାସୀ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବେ । ତେବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନର ଉଦ୍ଦେଶ୍ୟ,ଏହାର କାର୍ଯ୍ୟ ଖସଡ଼ା ଏବଂ ଆଦବାସୀ ସମାଜର ଦାୟିତ୍ୱ ଉପରେ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି । ସରକାରୀ ସ୍ତରରେ ଏହା ଏକ ସାମାଜିକ କାର୍ଯ୍ୟ । ଆଦିବାସୀ ଭାଇ ଭଉଣୀମାନଙ୍କର ବହୁ ଆଶା ଓ ସ୍ୱପ୍ନ ଏଥିରେ ରହିଛି । ଆଗାମୀ ଦିନରେ ଆଦିବାସୀ ସମାଜର ସମସ୍ତ ଭାଇଭଉଣୀଙ୍କୁ ଏଥିରେ ସାମିଲ କରାଯିବା ପାଇଁ ପ୍ରଚେଷ୍ଟା କରାଯିବ । ଏହାକୁ ଏକ ନୂଆ ରୂପ ଦିଆଯିବା ପାଇଁ କାର୍ଯ୍ୟ ଖସଡ଼ା ମଧ୍ୟ ପ୍ରସ୍ତୁତ ହେଉଛି । ସେଥିପାଇଁ ସୁଚିନ୍ତିତ ମତାମତ ଦେବାପାଇଁ ମାଝି ଅନୁରୋଧ କରିଥିଲେ । ମାଝି କହିଲେ, କେବଳ ବିଲୁପ୍ତ ହୋଇଯାଇଥିବା ଆଦିବାସୀ କଳା,ସଂସ୍କୃତି, ପରମ୍ପରା,ଜାନିଯାତ୍ରା, ପୂଜା ପୀଠ,ସାଂସ୍କୃତିକ କାର୍ଯ୍ୟକ୍ରମର ପୁନରୁଦ୍ଧାର କରିଦେଲେ ଆଦିବାସୀ ସମାଜର ଉନ୍ନତି ହୋଇଯିବ ନାହିଁ । ସେମାନଙ୍କ ଜୀବନ ଜିବିକାର ଉନ୍ନତି ହେବାର ଆବଶ୍ୟକତା ମଧ୍ୟ ରହିଛି । ଆଗାମୀ ଦିନରେ ସେମାନଙ୍କର ଭବିଷ୍ୟତ କ'ଣ ରହିବ, ଆଧୁନିକ ସମାଜ ସହିତ ତାଳ ଦେଇ ଚାଲିବା ପାଇଁ ବ୍ୟବସ୍ଥା, ଓଡ଼ିଶାର ସମୁଦାୟ ୬୨ ବର୍ଗର ବା ଜାତିର ଆଦିବାସୀ ଭାଇଭଉଣୀ ମାନଙ୍କୁଏକାଠି କରିବା, ସମସ୍ତେ ସମସ୍ତଙ୍କର ସମସ୍ୟା ବିଷୟରେ ଅବଗତ ହେବା ସହିତ ସମାଧାନ ପାଇଁ ବ୍ୟବସ୍ଥା କରିବା, ଯୁବ ଗୋଷ୍ଠୀଙ୍କୁ କୁସଂସ୍କାରରୁ ଦୂରେଇ ରଖିବା ପାଇଁ ସଚେତନ କରିବା ,ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ କରିବା, ରାଜ୍ୟ ଓ ରାଜ୍ୟ ବାହାରେ ତଥା ବିଦେଶରେ ଉଚ୍ଚ ଶିକ୍ଷା ପାଇଁ ମାଗଣା କୋଚିଂର ବ୍ୟବସ୍ଥା କରିବା, ରାଜ୍ୟର ସମସ୍ତ ଅନୁସୂଚିତ ଜନଜାତି ବର୍ଗଙ୍କୁ ୧୦ଲକ୍ଷ ଟଙ୍କାର ବାସଗୃହ ଯୋଗାଇଦେବା, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ୩୫ଲକ୍ଷ ଟଙ୍କା ଅନୁଦାନର ଗୃହ ନିର୍ମାଣ, ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଇ-କମର୍ସ ଆପ୍ ଯୋଗେ ନିଜ ନିଜର ଉତ୍ପାଦନକୁ ବିକ୍ରୟ କରିବା ହେଉଛି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମୁଖ୍ୟ କାର୍ଯ୍ୟବୋଲି କହିଥିଲେ ପ୍ରଦୀପ ମାଝୀ । ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ୨୬୭କୋଟି ଅନୁଦାନ ଦେଇଛନ୍ତି ଏବଂ ସଠିକ୍ ଭାବେ ଖର୍ଚ୍ଚ କଲେ ଆଗକୁ ୪୦୦ ରୁ ୫୦୦ କୋଟି ଟଙ୍କା ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ଦିଆଯିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି । ସେଥିପାଇଁ ଆମଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ । ମାନ୍ୟବର ମୁଖ୍ୟମନ୍ତ୍ରୀ ଆମଙ୍କୁ ଏକାଠି ହେବା ପାଇଁ ଏକ ସୁନ୍ଦର ପ୍ଲାଟଫର୍ମ ଦେଇଛନ୍ତି ଯାହାର ସଦୁପଯୋଗ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଥିଲେ ।କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରଦନ ମଲ୍ଲିକ ଏବଂ ଉପାଧ୍ୟକ୍ଷ ନଳିନୀ କହଁର କହିଲେ, ଓଡ଼ିଶାର ୯ ଗୋଟି ଜିଲ୍ଲାର ଆଦିବାସୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଗଠିତ ଏହି ପରିଷଦ ଆଗାମି ଦିନରେ ଆସ୍ତେ ଆସ୍ତେ ହଜି ଯାଉଥିବା ଆଦିବାସୀ ଲୋକ କଳା, ସଂସ୍କୃତି, ପରମ୍ପରା ଇତ୍ୟାଦିକୁ ନିଶ୍ଚିତରୂପେ ପୁନରୁଦ୍ଧାର କରିବ । ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହିତ ଜିଲ୍ଲାର ସବୁ ଆଦିବାସୀ ଭାଇ ଭଉଣୀମାନଙ୍କର ସହଯୋଗ ଲୋଡ଼ିଥିଲେ । ସେହିପରି, ମାନ୍ୟବର ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ସାଧବାଣୀ ନାୟକ, ଫୁଲବାଣୀ ବ୍ଲକ ଅଧ୍ୟକ୍ଷା ସୁସ୍ମିତା କହଁର, ଖଜୁରୀପଡ଼ା ବ୍ଲକ ଅଧ୍ୟକ୍ଷା ଅନିମା କହଁର ମଧ୍ୟ ଓଡ଼ିଶାର ଆଦିବାସୀ ସମାଜର ଉନ୍ନତି ପାଇଁ ସ୍ୱତନ୍ତ୍ରଭାବେ ଗଠିତ ଏହି ପରିଷଦ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଆଶିର୍ବାଦ ବୋଲି କହିଥିଲେ । କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ଭାବେ ମନୋନୀତ ସଭ୍ୟ ସଭ୍ୟା ଯଥାକ୍ରମେ ଭଜମନ ପ୍ରଧାନ, ଫୁଲବାଣୀ, ସୁଜାତା କହଁର, ଫିରିଙ୍ଗିଆ, ପ୍ରମୋଦ କୁମାର କହଁର, ଚକାପାଦ, ସ୍ୱର୍ଣ୍ଣଲତା କହଁର, ଖଜୁରୀପଡ଼ା, ସୁରେଖା ପାଟମାଝି,କୋଟଗଡ଼, ଲାଲାନନ୍ଦ ପ୍ରଧାନ, ଫିରିଙ୍ଗିଆ, ରଞ୍ଜିତା ପ୍ରଧାନ, ଦାରିଙ୍ଗବାଡ଼ି, କୁନ୍ତି ମଲ୍ଲିକ,ବାଲିଗୁଡ଼ା, ରମାକାନ୍ତ ମାଝି, ଦାରିଙ୍ଗବାଡି, କାରଲ ମାଲ୍ଲିକ, ଘୁ.ଉଦୟଗିରି, ଭୁଷଣ ପ୍ରଧାନ, ରାଇକିଆ ଏବଂ ସୌଦାମିନି କହଁର, ଖଜୁରୀପଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ନରେଶ ଚନ୍ଦ୍ର ସବର ସ୍ୱାଗତ ଭାଷଣ ପ୍ରଦାନ କରିଥବାବେଳେ ଏସ୍.ଡି.ସି.ଉପଧ୍ୟକ୍ଷା ଧନ୍ୟବାଦ ଦେଇଥିଲେ । ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମେତ ଜିଲ୍ଲା ଆଦିବାସୀ ଭାଇ ଭଉଣୀମାନେ ଯୋଗଦେଇଥିଲେ ।

ଜୁନିଅର ରେଡକ୍ରସ ପକ୍ଷରୁ ସୋନପୁର ଠାରେ ଶାନ୍ତି ଶୋଭାଯାତ୍ରାରେ ପରିକ୍ରମା

ସୁବର୍ଣ୍ଣପୁର,(ପି.ଏନ):ଜୁନିଅର ରେଡକ୍ରସ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱ ବନ୍ଧୁତା ଉପରେ ପର୍ଯ୍ୟବେସିତ । ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନେ ଏଥିରେ ସାମିଲ ହୋଇ ରେଡକ୍ରସର ସପ୍ତନୀତି, ପ୍ରାଥମିକ ଚିକିତ୍ସା, ପ୍ରାକୃତିକ ବିପର୍ଯ୍ୟୟ, ରକ୍ତଦାନ ଅନ୍ଦୋଳନ, ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ ସଚେତନତା ଆଦି ବିଷୟରେ ଜ୍ଞାନ ଆହରଣ କରିଥାନ୍ତି । ସ୍କୁଲରୁ ଆରମ୍ଭ ହୋଇ ଜିଲ୍ଲା , ରାଜ୍ୟ ଓ ଆନ୍ତଃରାଜ୍ୟ ସ୍ତରରେ ଏହି ବିଷୟରେ ଜୁନିଅର ଛାତ୍ରଛାତ୍ରୀ ମାନଙ୍କୁ ତାଲିମ ଦିଆଯାଇଥାଏ । ଇତି ମଧ୍ୟରେ ତିନିଦିନ ବ୍ୟାପୀ ସୁବର୍ଣ୍ଣପୁରର ୧୬ତମ ଜିଲ୍ଲା ସ୍ତରୀୟ ଜୁନିଅର ରେଡକ୍ରସ ଶିକ୍ଷା ଓ ତାଲିମ ଶବିରି ସୋନପୁର ବାଳିକ ଉଚ୍ଚ ବିଦ୍ୟାଳୟ ଠାରେ ସମ୍ପନ୍ନ ହୋଇଯାଇଛି । ଉଦ୍?ଯାପନୀ ଦିବସରେ ପ୍ରାୟ ୪୫୦ ଜଣ ଜୁନିଅର ଛାତ୍ରଛାତ୍ରୀ ଏବଂ ପରାମର୍ଶଦାତା ମାନେ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ସ୍ଲୋଗନ ମାଧ୍ୟମରେ ସୋନପୁର ସହରରେ ଆୟୋଜିତ ହୋଇଥିବା ଶାନ୍ତି ଶୋଭାଯାତ୍ରାରେ ଜନସାଧାରଣଙ୍କ ପାଖରେ ରେଡକ୍ରସର ବାର୍ତ୍ତା ପହଂଚାଇ ମାନବୀୟ କାର୍ଯ୍ୟକ୍ରମର ଶୋଭା ବଢାଇବାକୁ ଉଦ୍ୟମ କରିଛନ୍ତି । ସମସ୍ତ ନାଗରିକ ରେଡକ୍ରସର ମାନବିକତା ମନ୍ତ୍ରକୁ ଉପଲବଧିକରି ସାମାଜିକ ସେବା ପ୍ରଦାନ କରିବାକୁ ଆଗେଇ ଆସିଲେ ମାନବିକତାର ଜୟ ଲାଭ ହେବ ବୋଲି ଏହି ଶିବିରରେ ଯୋଗଦାନ କରିଥିବା ଅତିଥି ବୃନ୍ଦ ମତ ରଖିଛନ୍ତି ।

ହୋଲି ପାଇଁ ଶୋଭାଯାତ୍ରାରେ ଆସିଲେ ଲଛମନଜୀଉ

କେନ୍ଦ୍ରାପଡା,(ପି.ଏନ): ରାତି ପାହିଲେ ଠାକୁର ହୋଲି କେନ୍ଦ୍ରାପଡାର ପ୍ରସିଦ୍ଧ ଛାମୁ ମେଳଣ ଓ ପଚୁ ଦୋଳ ଅନୁଷ୍ଠିତ ହେବ । ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିର ଚକଡାରେ ବାଲିପାଟଣାର ପ୍ରସିଦ୍ଧ ଲଛମନଜୀଉଙ୍କ ସମେତ କପିଳଜୀଉ, ରାଧାଗୋବିନ୍ଦ ଜୀଉ, ଗୋବିନ୍ଦଜୀଉ ଓ ରଘୁନାଥଜୀଉ ପ୍ରମୁଖ ବିମାନଙ୍କ ସମତେ ଆଖପାଖ ଅଂଚଳରେ ଅନେକ ଦୋଳ ବିମାନଙ୍କ ସମାବେଶରେ ଠାକର ହୋଲି ବା ରଙ୍ଗଖେଳ ଆରମ୍ଭ ହେବ । ପରମ୍ପରା ଅନୁଯାଇ ପୂର୍ବତନ ଚଉଦୋଳରୁ କୁଶିଆପାଳ ବାଲିପାଟଣାର ପ୍ରସିଦ୍ଧ ଲଛମନଜୀଉଙ୍କ ସଂକୀର୍ତନ, ବାଜା,ଘଣ୍ଟ, କାହାଳୀ ସହ ଶହ ଶହ ଭକ୍ତଙ୍କ ସମାବେଶରେ କେନ୍ଦ୍ରାପଡା ସହର ଅବିମୁଖେ ଶୋଭାଯାତ୍ରାରେ ବାହାରିଛନ୍ତି । ସହରର ପ୍ରବେଶ ପଥ ତିନିମୁହାଣୀ ଠାରୁ ଆରମ୍ଭ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ମାନଙ୍କରେ ସାହି ବସ୍ତିର ଭକ୍ତମାନେ ଶ୍ରୀଜୀଉଙ୍କୁ ପୂଜା ଓ ଭୋଗ ସମର୍ପଣ କରି ଏହି ପର୍ବ ପାଳନ କରନ୍ତି । ଶୁକ୍ରବାର ଅପରାହ୍ନ ପ୍ରାୟ ୨ ଟା ୩୦ ରେ ଲଛମନଜୀଉଙ୍କ ବିମାନ ତିନିମୁହାଣୀ ଠାରେ ପହଁଚିବା ପରେ ବଜାର କମିଟି ପକ୍ଷରୁ ଭୋଗଲାଗି ରାଯାଇ ଜୀଉମାନଙ୍କ ଆଳତୀ ଅନୁଷ୍ଠିତ ହୋଇଥିଲା । ସେଠାରୁ ବିରାଟ ଶୋଭାଯାତ୍ରା ରେ ପୁରୁଣା ବସଷ୍ଟାଣ୍ଡ ହୋଲି ସ୍ଥାନକୁ ଆସିବା ପଥରେ ବାୟାବାବା ମଠ ଛକ, ମହିପାଳ, ବଡକୋଠା, ଗଣାମାହାଲ ଛକ, ବଡହାଟ ପ୍ରମୁଖ ସ୍ଥାନରେ ଶହ ଶହ ଭକ୍ତ ଶ୍ରୀଜୀଉଙ୍କ ବିମାନକୁ ସ୍ୱାଗତ କରିବା ସହ ଭୋଗଲାଗି ପୂଜା ଓ ଆଳତୀ ସମର୍ପଣ କରିଥିଲେ । ଶୁକ୍ରବାର ରାତି ସୁଦ୍ଧା ଶ୍ରୀଜୀଉଙ୍କ ବିମାନ ସହ ଆଖପାଖ ଅଂଚଳର ଓ ମଠ ମାନଙ୍କର ବିମାନ ପୁରୁଣା ବସଷ୍ଟାଣ୍ଡ ପୂଜା ପଡିଆରେ ଭୋଗଲାଗି ହେବାପରେ ସକାଳୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଅଭିମୁଖେ ବିମାନ ଯାତ୍ରା ଅନୁଷ୍ଠିତ ହେବ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏସଡିପିଓ ଜୟନ୍ତ ମହାପାତ୍ର ଓ ଟାଉନ ଥାନା ଅଧିକାରୀ ତପନ ନାୟକଙ୍କ ସମେତ ବହୁ ସଂଖ୍ୟକ ପୋଲିସ ଅଧିକାରୀ ସୁରକ୍ଷା ପାଇଁ ନିଯୁକ୍ତ ଥିବା ଦେଖିବାକୁ ମିଳିଛି ।

ବିଜେପିର ବିଧାନସଭା ସ୍ତରୀୟ ବୁଥ୍ ସଶକ୍ତିକରଣ ଅଭିଯାନ

ଧର୍ମଶାଳା,(ପି.ଏନ): ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟି ରଖି ଭାରତୀୟ ଜନତା ପାର୍ଟି ତାର କାର୍ଯ୍ୟକ୍ରମକୁ ବୁଥ୍ ସ୍ତରରେ ପଂହଚିବାକୁ ଉଦ୍ୟମ ଆରମ୍ଭ କରିଛି । ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ମୁଜଭୁତ କରିବାକୁ ଲକ୍ଷ୍ୟ ରଖିଛି । ଏହି କ୍ରମରେ ଆଜି ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ୩୬ ନମ୍ବର ଜୋନ ବ୍ରହ୍ମବରଦାଠାରେ ବିଧାନସଭା ସ୍ତରୀୟ ବୁଥ୍ ସଶକ୍ତିକରଣ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ବିଜେପି ତରଫରୁ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି,ଜିଲା ସଭାପତି ଗୌତମ ରାୟ,ଜିଲା ପ୍ରଭାରୀ ସାରଦା ଶତପଥୀ,ଯାଜପୁର ଜିଲା ପୂର୍ବତନ ସଭାପତି ଆଶୁତୋଷ ପରିଡା,ବରୀ ବିଜେପି ଯୁବନେତା ଉମେଶ ଜେନା,ବରୀ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁରେଶ ରାଉତ,ସ୍ୱଚ୍ଛଭ

ଖୋଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Sunday March 12, 2023 ଭୁବନେଶ୍ୱର ରବିବାର, ମାର୍ଚ୍ଚ ୧୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ରନ୍ଧନ ଗ୍ୟାସ ଦର ବୃଦ୍ଧି ଓ ଦରଦାମ ବୃଦ୍ଧି ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ରାଜ ଭବନ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର ,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନଓ୍ୱାଜଙ୍କ ନେତୃତ୍ୱରେ ରନ୍ଧନ ଗ୍ୟାସ ଦର ବୃଦ୍ଧି ଓ ଦରଦାମ ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ସ୍ଥିତ ରାଜଭବନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରାଯାଇଥିଲା। ସଭାପରେ ଶହ ଶହ ଛାତ୍ର ରାଜଭବନ ଅଭିମୁଖେ ଯାତ୍ରା କରୁଥିବା ବେଳେ ପୋଲିସ ସେମାନଙ୍କୁ ରାସ୍ତାରେ ଅଟକାଇ ଦେଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜ କହିଥିଲେ ଯେ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ଓ ରନ୍ଧନ ଗ୍ୟାସ ଦର ବୃଦ୍ଧିକରି ମୋଦି ସରକାର ସାଧାରଣ ଜନତାଙ୍କର ରକ୍ତ ଶୋଷଣ କରୁଛନ୍ତି। ନରେନ୍ଦ୍ର ମୋଦି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ, ୨୦୧୪ ପୂର୍ବରୁ ଯେତେବେଳେ ମନମୋହନ ସିଂଙ୍କ ସରକାର ଥିଲା ସେତେବେଳେ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ସାମାନ୍ୟ ବୃଦ୍ଧି ଓ ରନ୍ଧନ ଗ୍ୟାସର ସାମାନ୍ୟ ବୃଦ୍ଧିକୁ ନେଇ ତୁମ୍ବି ତୋଫାନ କରୁଥିଲେ। ବିଜେପି ରାଜରାସ୍ତାରେ ଚିତ୍କାର କରୁଥିଲା। ହେଲେ ୨୦୧୪ ପର୍ଯ୍ୟନ୍ତ ୧୪.୨ କିଲୋ ଗ୍ୟାସ ସିଲିଣ୍ଡର ଦର ୪୧୦ ଟଙ୍କା ଥିବା ବେଳେ ୨୦୨୩ ମସିହା ଏହା ୧୧୩୦ ଟଙ୍କା ହୋଇଛି। ନିକଟରେ ଏହା ୫୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି କମରସିଆଲ ଗ୍ୟାସ ସିଲିଣ୍ଡର ପିଛା ୨୦୧୪ ରେ ୯୫୭ ଟଙ୍କା ଥିବା ବେଳେ ନିକଟରେ ୩୫୦ ଟଙ୍କା ବଢ଼ି ସିଲିଣ୍ଡର ପିଛା ୧୮୩୦ ଟଙ୍କା ହୋଇଛି। ମୋଦି ସରକାର ମୁଢ଼ି, ଚୂଡ଼ା, ଦହି ଭଳି ସାଧାରଣ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟରେ ଜିଏସଟି ଲଗାଇବା ପଛେଇ ନାହାନ୍ତି। ଗରିବ ଲୋକ ଚଢ଼ା ଦରର ହାଟ ସଉଦା କରି ଆଖିରୁ ଲୁହ ଝରାଉଛନ୍ତି। ସେହିଭଳି ଗ୍ୟାସ ଦରି ବଢ଼ି ହାଣ୍ଡିଶାଳରେ ମହଙ୍ଗା ମାଡ଼ ହୋଇଛି। ୨୦୧୪ ମସିହାରେ ଅଟା,ଡାଲି, ଚିନି, ତେଲ ଭଳି ଦ୍ରବ୍ୟର ଦର ଯାହାଥିଲା ଆଜି ତାହା ତିନି ଚାରିଗୁଣ ହୋଇପଡ଼ିଛି। କରୋନା ପରେ ଲୋକଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିଛି। କୋଟି କୋଟି ଜନସାଧାରଣ ନିଜର ବୃତି ଓ ଜୀବିକା ହରାଇଛନ୍ତି। ଏହି ଯନ୍ତ୍ରଣାମୟ ସମୟରେ ଗ୍ୟାସ ଦର ବୃଦ୍ଧି ଓ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଆକାଶଛୁଆଁ ଦର ବୋଝ ଉପରେ ନଳିତା ବିଡ଼ା ସଦୃଶ। ନରେନ୍ଦ୍ର ମୋଦି ଯେଉଁ ଆଚ୍ଛାଦିନର ସ୍ୱପ୍ନ ଦେଖାଇଥିଲେ, ବିକାଶର ଯେଉଁ ନକ୍ସା ଦେଇଥିଲେ ଆଜି ସାଧାରଣ ଜନତା ତାକୁ ବାସ୍ତବରେ ଦେଖୁଛନ୍ତି। ମୋଦି ମାର୍କା ବିକାଶ ଏବଂ ମୋଦିଙ୍କ ଆଚ୍ଛାଦିନର ରୂପରେଖ ଆଜି ଦେଶର ଜନସାଧାରଣଙ୍କୁ ତଳିତଳାନ୍ତ କରିଦେଇଛି। ସୁତରାଂ ଏ ମହଙ୍ଗାମାଡ଼ ମୋଦି କୃତ। ପ୍ରତି ହାଣ୍ଡିଶାଳରୁ ବିପ୍ଳବ ହେବାକୁ ଶ୍ରୀ ନଓ୍ୱାଜ ଆହ୍ୱାନ ଦେଇଛନ୍ତି। ଶ୍ରୀ ନଓ୍ୱାଜ କହିଛନ୍ତି ଯେ ଯଦି ଦରଦାମ ନିୟନ୍ତ୍ରଣ ନ ହୁଏ ଏବଂ ରନ୍ଧନ ଗ୍ୟାସର ବର୍ଦ୍ଧିତ ଦର ଯଦି କମାନଯାଏ ତେବେ ବିଜେପି କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଓଡ଼ିଶାରେ ଛାତ୍ର କଂଗ୍ରେସ ଗଣତାନ୍ତ୍ରିକ ପ୍ରକିୟାରେ ବିରୋଧ କରିବ। ଏହି ବିକ୍ଷୋଭ ସଭାପରେ ପ୍ରଦେଶ ଛାତ୍ର କଂଗ୍ରେସର ନେତୃବୃନ୍ଦ ରାଜଭବନ ଯାଇ ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ମାନସ ଚୌଧୁରୀ, ରଜତ ଚୌଧୁରୀ, ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, ସୁବ୍ରତ ମହାପାତ୍ର, ନଳିନୀକାନ୍ତ ନାୟକ, ବିଶ୍ୱଭୂଷଣ ମହାପାତ୍ର, ରଣଜିତ ସେନାପତି, ସାଗର ପଟ୍ଟନାୟକ, କାର୍ତିକେଶ୍ୱର କାଣ୍ଡି, ଶ୍ରୀ ମହାନ୍ତି, ଲିପିକା ପାତ୍ର, ଆର୍ଯ୍ୟାନ ସାସମଲ, ନିତେଶ ବେହେରା, ଉଦିତ୍ ପ୍ରଧାନ, ବିକ୍ରମ ସେନାପତି, ସମିର ରାଉତ, ଜ୍ୟୋତିରନ ଦାସ, ସୌମ୍ୟରନ ବରାଳ, ଅଭିଷେକ ପାତ୍ର, ଆଶୁତୋଷ ବେହେରା, ସାଇରାମ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଗୁରୁଜଙ୍ଗ ପଂଚୁଦଳ ମେଳଣର ଜମାଣ ଉତ୍ସବ

ଖୋର୍ଦ୍ଧା,(ପି.ଏନ): ଖୋରଧା ଉପକଣ୍ଠ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ଶ୍ରୀ ଧବଳେଶ୍ୱର ଦେବଙ୍କ ଫଗୁ ଦୋଳ ଜମାଣ ଉତ୍ସବ ଆସନ୍ତାକାଲି ରାତ୍ର ସମୟରେ ଅନୁଷ୍ଠିତ ହେବ। ଗାଦି ଠାକୁର ଧବଳେଶ୍ୱର ଦେବଙ୍କ ନିମନ୍ତ୍ରଣରେ ଆଖ ପାଖ ଗ୍ରାମର ୨୧ଟି ଠାକୁର ବିରାଟ ପଟୁଆରରେ ଦୋଳ ବିମାନରେ ଗୁରୁଜଙ୍ଗ ମେଳଣ ପଡ଼ିଆ ଠାରେ ପହଂଚିବେ। ସେଠାରେ ତିନି ଦିନ ରହିବା ପରେ ଆସନ୍ତା ୧୫ ତାରିଖ ଦିନ ମେଳଣ ଉତ୍ସବ ହରିହର ଭେଟ ଓ ଫଗୁ ଖେଳ ହେବା ପରେ ନିଜ ନିଜ ଗ୍ରାମକୁ ଫେରିବେ। ଦୁଇ ବର୍ଷ କରୋନା କଟକଣା ଯୋଗୁଁ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ଦର୍ଶକ ଓ ଶ୍ରଦ୍ଧାଳୁମାନଙ୍କ ମନୋରଂଜନ ପାଇଁ ଗ୍ରାମ୍ୟ ପଂଚୁଦଳ କମିଟି ପକ୍ଷରୁ ରାଣୀ ହାଟ କିର୍ତନ ଡ୍ୟାନ୍ସ ଡ୍ୟାନ୍ସ ମେଲୋଡ଼ି ସାଙ୍ଗକୁ ଅପେରା କାର୍ଯ୍ୟକ୍ରମ ରଖାଯାଇଛି। ଏ ସମ୍ପର୍କରେ ଆଜି ଧବଳେଶ୍ୱର କଲ୍ୟାଣ ମଣ୍ଡପ ଠାରେ କମିଟିର ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ ରାଜନୀତିରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ସଦାବେଳେ ନିଆରା

ଭୁବନେଶ୍ୱର,(ପି.ଏନ): ଓଡିଶା ରାଜ୍ୟ ରାଜନୀତିରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ସବୁବେଳେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଆସିଛି । ଏଣୁ ସବୁ ରାଜନୈତିକ ଦଳର ନଜର ସବୁବେଳେ ରହିଥାଏ । କିନ୍ତୁ ଆଗାମୀ ୨୦୨୪ ମସିହା ନିର୍ବାଚନରେ ଲୋକେ ବିଜେଡିର ବିଧାୟକ ପ୍ରାର୍ଥୀରୂପେ ଏକ ନୂଆ ଚେହେରାର ଅନ୍ୱେଷଣରେ ଥିବାର ଅନୁମାନ କରାଯାଏ, ଯେହେତୁ ଗତ ୨୦୧୯ ନିର୍ବାଚନରେ ବିଜେଡି ଧାରକ୍ଷାୟୀ ହୋଇଥିଲା ଏଣୁ ଆଗାମୀ ନିର୍ବାଚନରେ ବିଜେଡିର ବିଧାୟକ ପ୍ରାର୍ଥୀ ରୂପେ ନୂଆ ମୁହଁ ଶ୍ରୀ ହଂସରାଜ ଜୈନ, ସଦସ୍ୟ ପଶ୍ଚିମ ଓଡିଶା ବିକାଶ ପରିଷଦ/ପୂର୍ବତନ ବ୍ଲକ ଅଧକ୍ଷ/ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ/ ବିଜେଡି ରାଜ୍ୟ ସମ୍ପାଦକ ଓଡିଶା ରାଜ୍ୟ ଏହିଭଳି ଅନେକ ପଦ ପଦବୀ ଏବଂ ଶହ ଶହ ଲୋକହିତକର ସାମାଜିକ ସଂଗଠନରେ ଜଡ଼ିତ ଥିବା ଏକ ବିଶିଷ୍ଟ ବ୍ୟକ୍ତିବିଶେଷ ଅଟନ୍ତି ସେ । ତାଙ୍କର ବିଗତ ଦିନକୁ ଲକ୍ଷ୍ୟକଲେ ଆମେ ସମସ୍ତେ ଅନୁମାନ କରିପାରିବା ତାଙ୍କର ରାଜନୈତିକ ପ୍ରତିଭା ବିଷୟରେ । ଶ୍ରୀମାନ ଜୈନ ମହୋଦୟ ନିଜର ରାଜନୈତିକ ଜୀବନ ଆରମ୍ଭ କରନ୍ତି ବିଗତ ୨୬ ବର୍ଷ ପୂର୍ବରୁ, ଗତ ୧୯୯୭ ରୁ ୨୦୦୨ ପର୍ଯ୍ୟନ୍ତ ଅଧକ୍ଷ, ମୁରିବାହାଲ ବ୍ଲକ । ୨୦୦୨ ରୁ ୨୦୦୭ ବଲାଙ୍ଗୀର ଜିଲ୍ଲା ଜୋନ ନମ୍ବର ୨୯ ର ଜିଲ୍ଲାପରିଷଦ ସଦସ୍ୟ। ୨୦୧୨ ରୁ ୨୦୧୭ ମୁରିବାହାଲ ବ୍ଲକ ଅଧକ୍ଷ (ସହଧର୍ମିଣୀ ଶ୍ରୀମତୀ ଲଳିତା ଦେବୀ ଜୈନ, ଉପାଧକ୍ଷ ନିଜେ)୨୦୧୭ ରୁ ୨୦୨୨ ବ୍ଲକ ଅଧକ୍ଷ ମୁରିବାହାଲ । ୨୦୨୨ ରେ ପରିବାରରୁ ତିନିଜଣ ସମିତି ମେମ୍ବର । ୨୦୨୩ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ । ଏତଦ ବ୍ୟତୀତ ଶହ ଶହ ଅନୁଷ୍ଠାନର ସକ୍ରିୟ କର୍ମକର୍ତ୍ତା ଭାବରେ ଅଧିଷ୍ଠିତ ହୋଇ ରହିଛନ୍ତି । ନିଶ୍ଚୟ ତାଙ୍କର ରାଜନୈତିକ କେରିଅର ଏବଂ ନିର୍ବାଚନ ମଣ୍ଡଳୀ ସ୍ତରରେ ଲୋକ ସମ୍ପର୍କକୁ ଦେଖିଲେ ଯେ କେହି ମଧ୍ୟ ଅନୁପ୍ରାଣିତ ହେବାରେ ତିଳେ ମାତ୍ର ଅବକାଶ ନାହିଁ । ଅନେକ ବୁଦ୍ଧିଜୀବୀ ବହୁ କଳ୍ପନା ଜଳ୍ପନା ଆରମ୍ଭ ହେବାରେ ଲାଗିଛି କି ଆଗାମୀ ନିର୍ବାଚନରେ ଶ୍ରୀମାନ ଜୈନ ମହୋଦୟଙ୍କୁ ବିଜେଡି ପ୍ରାର୍ଥୀ କରାଗଲେ ବହୁ ଭୋଟ ବ୍ୟବଧାନ ରେ ବିଜୟୀ ହେବେ ଏହା ନିର୍ବାଚନ ମଣ୍ଡଳୀର ସମସ୍ତ ମହଲରେ ମଧ୍ୟ ମୁଖ୍ୟ ପ୍ରସଙ୍ଗ ହୋଇସାରିଛି । ଏଣୁ ଆଗାମୀ ୨୦୨୪ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ କରାଗଲେ ଏକ ତରଫା ବିଜୟୀ ହେବେ ବୋଲି ସମ୍ପୂର୍ଣ୍ଣ ଆଶା କରାଯାଇ ପାରେ ।

ରାଷ୍ଟ୍ରପତିଙ୍କୁ ଗଛ ଚାରା ପ୍ରଦାନ କରି ଅଭିନନ୍ଦନ ଜଣାଇଲେ ପ୍ରେରଣାର ଅଧକ୍ଷ

ଖୋର୍ଦ୍ଧା,(ପି.ଏନ): ଭାରତର ମହାମହି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଖୋରଧାର ପୂର୍ବତନ ବିଧାୟକ ତଥା ପ୍ରେରଣାର ଅଧକ୍ଷ ଡ଼.ଦିଲ୍ଲୀପ ଶ୍ରୀଚନ୍ଦନ, ଗଛଚାରା ପ୍ରଦାନ କରି ଅଭିନନ୍ଦନ ଜଣାଇଛନ୍ତି। ପୃଥିବୀରେ ପରିବେଶର ସନ୍ତୁଳନ ପାଇଁ ଜଙ୍ଗଲର ଆବଶ୍ୟକତା ରହିଛି। ବାୟୁ ମଣ୍ଡଳ ଜରିଆରେ ପୃଥିବୀର ତାପମାତ୍ରାକୁ ଜୀବନର ସ୍ଥାୟୀତ୍ୱ ପାଇଁ ଠିକଣା ଭାବରେ ସ୍ଥିର ରଖିବା ବ୍ୟାପାରରେ ଜଙ୍ଗଲ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଧ୍ୱଂସ ଜଙ୍ଗଲର ପୁର୍ନରୁଦ୍ଧାର ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବୃକ୍ଷରୋପଣକୁ ପ୍ରାଥମିକତା ଦିଆଯିବା ଉଚିତ। ନିୟମିତ ଦୃଷ୍ଟି ବୃକ୍ଷମାନଙ୍କ ଯୋଗୁଁ ସମ୍ଭବପର ହୋଇପାରେ। କୃଷି ପାଇଁ ଉର୍ବର ମୃତିକା, ଅନୁକୂଳ ଜଳବାୟୁ ଜଳ ସେଚନ ପାଇଁ ଉପଯୁକ୍ତ ପରିମାଣର ଜଳ ଓ ସାର ଜଙ୍ଗଲ ଯୋଗାଏ। ମୃତିକାର ଗୁଣାତ୍ମକ ମାନର ସୁରକ୍ଷା ଦିଗରେ ଜଙ୍ଗଲ ଏକ ତାତ୍ପର୍ଯ୍ୟ ପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଜଙ୍ଗଲରେ ବୃକ୍ଷ ମାନଙ୍କର ଉପସ୍ଥିତ ଯୋଗୁଁ ଭୂପୃଷ୍ଠକୁ ଆଚ୍ଛାଦିତ କରିଥିବା ଉର୍ବର ମାଟିକୁ ପବନ ଉଡ଼ାଇ ପାରେ ନାହିଁ। ବୃକ୍ଷ ଯୋଗୁଁ ପରିବେଶ ସୁରକ୍ଷିତ ରହେ। ଜୀବନ ଧାରଣ ପାଇଁ ବିଷୁଦ୍ଧ ବାୟୁ ମିଳେ। ଅଙ୍ଗଳକାମ୍ଳ ବାଷ୍ପ ବାୟୁ ମଣ୍ଡଳରେ ଭାରଶ୍ୟାମ ରକ୍ଷା କରି ରହେ। ଏଣୁ କେନ୍ଦ୍ର ଓ ରାଜ୍ୟ ସରକାର ବୃକ୍ଷ ରୋପଣ ଉପରେ ଅଧିକ ଗୁରୁତ୍ୱ ଦେବା ନିମନ୍ତେ ପରାମର୍ଶ ଦେବାକୁ ଡ଼. ଶ୍ରୀଚନ୍ଦନ ମହାମହିମ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି।

ବିଶ୍ୱର ନାରୀନେତ୍ରୀ ମାନଙ୍କର ସମାନ ମାନ୍ୟତା ପାଇଁ ରଣହୁଙ୍କାର

କଟକ/ ଭୁବନେଶ୍ୱର/ ନୂଆଦିଲ୍ଲୀ/ ଲଣ୍ଡନ/ କାନବେରା/ ରୋଡସଆଇଲ୍ୟାଣ୍ଡ,(ପି.ଏନ): ମହିଳାମାନେ ସମାଜରେ ସମାନ ସମ୍ମାନ, ଉଚିତ୍ ମାନ୍ୟତା ଓ ଉପଯୁକ୍ତ ଅଧିକାର ପାଇବା ପାଇଁ ହକଦାର ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିଛନ୍ତି। ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ୱାର୍ଲଡ୍ ଓଡ଼ିଶା ସୋସାଇଟି(ୱାଓସୋ) ର ସହଯୋଗରେ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ତରଫରୁ ଆୟୋଜିତ ଦ୍ୱିତୀୟ ଶକ୍ତି ଉତ୍ସବରେ ଭାଗ ନେଇ ସମ୍ମାନୀୟ ଅତିଥିମାନେ ସାରା ବିଶ୍ୱରେ ନାରୀଜାତି ନିଜର ଭୂମିକା, ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ଦକ୍ଷତାର ସହିତ ସମ୍ପାଦନା କରିବା ସାଙ୍ଗକୁ ଦେଶ ଓ ଜାତିର ମଙ୍ଗଳ ପାଇଁ ଉଲ୍ଲେଖଯୋଗ୍ୟ ସେବା ପ୍ରଦାନ ଯୋଗୁଁ ପ୍ରଶଂସା ଅର୍ଜନ କରି ଚାଲିଥିବା ଦର୍ଶାଇଥିଲେ। ଉଭୟ ବାସ୍ତବ ଓ ଆଭାସୀ ମଞ୍ଚରେ ଅନୁଷ୍ଠିତ ଏହି ସମାରୋହରେ ଶତାଧିକ ସଂଖ୍ୟାରେ ତୁଙ୍ଗ ନାରୀନେତ୍ରୀ, ବିଭିନ୍ନ ଦେଶର ପ୍ରବାସୀ ଓଡ଼ିଆ ନେତୃବୃନ୍ଦ, ବିଶ୍ୱ ଭରି ଶୋଭନୀୟ ଆନ୍ଦୋଳନ ଏବଂ ୱାଓସୋର ସଦସ୍ୟଗଣ ତଥା ଉତ୍ସବସ୍ଥଳ କଟକର ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମର ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ରଙ୍ଗ ବେରଙ୍ଗର କପଡ଼ା ଓ ଫୁଲରେ ସଜାଯାଇଥିବା ସଭାସ୍ଥଳ ସମଗ୍ର ପରିବେଶକୁ ଉତ୍ସବମୁଖର କରି ଗଢ଼ି ତୋଳିଥିଲା। ଆଗନ୍ତୁକ ଅତିଥି ମାନେ ପ୍ରଥମେ ମଞ୍ଚରେ ଶୋଭା ପାଉଥିବା ଶୋଭନୀୟ ଆନ୍ଦୋଳନର ପ୍ରତିଷ୍ଠାତା ପୂଜ୍ୟ କୁମାର ଭାଇଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିବା ପରେ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମାବେଶରେ ସ୍ୱାଗତ ଭାଷଣ ପ୍ରଦାନ କରି ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ ନାରୀ ମାନେ ଦୁନିଆର ସୃଷ୍ଟିକର୍ତ୍ତା ହୋଇଥିବାରୁ ସଦାସର୍ବଦା ପୂଜାର ପାତ୍ର ବୋଲି ଉଲ୍ଲେଖ କରିଥିଲେ। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଓ ୱାଓସୋର ପ୍ରତିଷ୍ଠାତ୍ରୀ ଡକ୍ଟର ଅରୁନ୍ଧତୀ ଦେବୀ, ସାରା ଦୁନିଆରେ ମାତୃଶକ୍ତିକୁ ଯଥୋଚିତ ମାନ୍ୟତା ଦିଆଗଲେ ଏକ ସୁସ୍ଥ, ସୁରକ୍ଷିତ ଓ ଶୋଭନୀୟ ସମାଜ ଗଠନ ସମ୍ଭବପର ହେବ ବୋଲି ସୁଚାଇଥିଲେ। ୱାଓସୋର ମହିଳା ଶାଖାର ସଭାପତି ଡକ୍ଟର ସୁନନ୍ଦା ମିଶ୍ର ପଣ୍ଡା ଭାରତୀୟ ସଂସ୍କୃତିରେ ବେଦ ଯୁଗ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ନାରୀ ଜାତିକୁ ନିରନ୍ତର ଭାବେ ଭବ୍ୟ ମର୍ଯ୍ୟାଦା ପ୍ରଦାନ କରାଯାଇ ଆସିଛି ବୋଲି କହିଥିଲେ। ୱାଓସୋର ମହିଳା ଶାଖାର ସାଧାରଣ ସମ୍ପାଦକ ଚିଦାତ୍ମିକା ଖଟୁଆ, ମହିଳା ମାନେ ସବୁକ୍ଷେତ୍ରରେ ସେମାନଙ୍କର ଉତ୍କର୍ଷତା ପ୍ରତିପାଦନ କରି ପ୍ରଶସ୍ତି ଅର୍ଜନ କରୁଥିବା ପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥି ବଲାଙ୍ଗୀରର ଉପଜିଲ୍ଲାପାଳ ଶୁଭସ୍ମିତା ମିଶ୍ର ନାରୀ ଦୟା, କ୍ଷମା ଏବଂ କୃତଜ୍ଞତାର ଜାଜ୍ୱଲ୍ୟମାନ ପ୍ରତୀକ ତଥା ଭଗବାନଙ୍କର ସର୍ବୋତ୍କୃଷ୍ଟ କୃତୀ ବୋଲି କହିଥିଲେ। ମହିଳା କୋମଳ କିନ୍ତୁ କମଜୋର ନୁହେଁ ବୋଲି ସୂଚାଇ ସୁଶ୍ରୀ ମିଶ୍ର ସମାଜର ସଫଳ ପ୍ରଗତି ପାଇଁ ଉଭୟ ନାରୀ ଓ ପୁରୁଷଙ୍କ ମଧ୍ୟରେ ସନ୍ତୁଳନ ରଖାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ପଟ୍ଟୟସୀ ଇଲିଆନା ସିଟାରେଷ୍ଟି ମାତୃଶକ୍ତିକୁ ସର୍ବୋପରି ଓ ସର୍ବଶ୍ରେଷ୍ଠ ଆଖ୍ୟା ପ୍ରଦାନ କରିଥିଲେ। ପ୍ରତିଷ୍ଠିତ ଲେଖିକା କବିତା ଗୁପ୍ତା ନାରୀ ଜାତିର ସଶକ୍ତିକରଣ ସକାଶେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଇଣ୍ଡୋନେସିଆର ଆଧ୍ୟାତ୍ମିକ ଗୁରୁ ଅଗସ ଇନ୍ଦ୍ର ଉଦୟନ୍ ବିଶ୍ୱ ସାରା ସୁଖସମୃଦ୍ଧି କାମନା କରି କବିତା ଆବୃତ୍ତି କରିଥିଲେ। ଶୋଭନୀୟ ଆନ୍ଦୋଳନର ବରିଷ୍ଠ ସଦସ୍ୟ ଡଃ ବନଲତା ଦେବୀ ଦେବଶିଶୁ ମାନେ ନୀତିନିଷ୍ଠ ଓ ଆତ୍ମନିର୍ଭର ହେବା ଉପରେ ଜୋର୍ ଦେଇଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ମହାନ୍ତି ନାରୀ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିର ପରିସ୍ଫୁଟନ ଓ ବିନିଯୋଗକରଣ ସପକ୍ଷରେ ମତ ପ୍ରକାଶ କରିଥିଲେ। ଅଷ୍ଟ୍ରେଲିଆରୁ ୱାଓସୋର ଉପାଧକ୍ଷ ଡଃ ନଳିନୀ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନନ୍ୟା ଦେବ ଓ ଗୁନଗୁନଙ୍କ ନେତୃତ୍ୱରେ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀମାନେ ସୁମଧୁର ଆବାହନୀ ସଙ୍ଗୀତକୁ ଆଧାର କରି ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରସିଦ୍ଧ ଗାୟିକା ଅନିନ୍ଦିତା ଦାସ ତାଙ୍କର ମର୍ମସ୍ପର୍ଶୀ ସଙ୍ଗୀତ ପରିବେଷଣ କରି ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଲଣ୍ଡନରୁ ଡଃ ଭାଗ୍ୟଶ୍ରୀ ସିଂହ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଞ୍ଚାଳନା କରିଥିଲେ। ପ୍ରିୟରଞ୍ଜନ ମହାନ୍ତି ଓ ନନ୍ଦନ ଦ୍ୱିବେଦୀ ଦକ୍ଷତାର ସହିତ ଡିଜିଟାଲ କକ୍ଷକୁ ନିୟନ୍ତ୍ରଣ କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ସତ୍ୟଗୋପାଳ ରାଜଗୁରୁ, ଆମେରିକାରୁ ଅକ୍ଷୟ ମହାନ୍ତି, ଦକ୍ଷିଣ କୋରିଆରୁ ଡଃ ସୀତାଂଶୁ ଶେଖର ନନ୍ଦ, ଇଟାଲୀରୁ ଦେବାଶିଷ ଶ୍ରୀଚନ୍ଦନ, ଚାଟାର୍ଡ ଏକାଉଣ୍ଟାଣ୍ଟ ସୁଧୀର ଦାଶ, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ପୁଷ୍ପାଞ୍ଜଳି ବାରିକ, ବିଏମସି କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଡଃ ଅନୀତା ପଣ୍ଡା, ଡଃ ଅନୀତା ସାବତ, ମମତା ପ୍ରଧାନ, ରୀତା ପାତ୍ର, କାବେରୀ ବେହେରା, ଦେବଦୀପ୍ତି ବିଶ୍ୱାଳ, ତପସ୍ୱିନୀ ଦାସ ଏବଂ ସୁଶ୍ରୀ ମିଶ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।